# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ସମ୍ବଲପୁର,୭ ।୧(ସମିସ):** ସମ୍ବଲପୁର ଜିଲ୍ଲା ଶାସନ ଥାନାଞ୍ଚଳର ଏକ ନାବାଳିକା ଦୁଷ୍କର୍ମ ମାମଲାରେ ସମ୍ବଲପୁର ପୋକ୍‌ସୋ ସ୍ୱତନ୍ତ୍ର କୋର୍ଟ ମଙ୍ଗଳବାର ରାୟ ଶୁଣାଇଛନ୍ତି । ଅଭିଯୁକ୍ତ ମିଳନ ଖଡ଼ିଆ(୨୮)କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଏକ ବର୍ଷ ଅଧିକ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ସେହିପରି ଧାରା ୩୭୬(ଏବି) ୫ ବର୍ଷ ସଶ୍ରମ ଜେଲ ଓ ୫ ହଜାର ଜରିମାନ ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ୧ ମାସ ଅଧିକ ଜେଲ ଦଣ୍ଡ ,ଧାରା ୫୦୬ରେ ୭ ବର୍ଷ ଜେଲ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି । ମାମଲାର ବିବରଣୀମତେ, ଗତ ୨୦୨୨ ମସିହା ଅକ୍ଟୋବର ମାସ ୨୨ ତାରିଖରେ ଘଟଣା ଘଟିଥିଲା । ନାବାଳିକା ତାଙ୍କ ଘର ସମ୍ମୁଖରେ ଖେଳୁଥିବା ସମୟରେ ଅଭିଯୁକ୍ତ ମିଳନ୍ ଆସି ପାଖରେ ଥିବା ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା । ନାବାଳିକାଙ୍କ ମାଆ ତାକୁ ବହୁ ଖୋଜାଖୋଜି ପରେ ମଧ ପାଇ ନଥିଲେ । କିଛି ସମୟ ପରେ ଅଭିଯୁକ୍ତ ନାବାଳିକାଙ୍କୁ ଜଙ୍ଗଲ ପଟୁ ଆଣୁଥିଲା । ତାଙ୍କ ମାଆ କାନ୍ଦିକାନ୍ଦି ଆସୁଥିବା ଦେଖିବାକୁ ପାଇଥିଲେ । ମାଆ ପଚାରିବାରୁ ନାବାଳିକା ଘଟଣା ସମ୍ପର୍କରେ କହିଥିଲେ । ନାବାଳିକାଙ୍କୁ ପ୍ରଥମେ ପରମାଣପୁର ଡ଼ାକ୍ତରଖାନ ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଣି ଚିକିତ୍ସା କରାଇଥିଲେ । ଘଟଣା ପର ଦିନ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା । ପରେ ଘଟଣାର ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲା । ୧୫ସାକ୍ଷୀଙ୍କ ସାକ୍ଷ୍ୟ ଏବଂ ୨୦ଟି ଦସ୍ତାବିଜ୍‌କୁ ଆଧାର କରି ସମ୍ବଲପୁର ସ୍ୱତନ୍ତ୍ର କୋର୍ଟ ବିଚାରପତି ଅଭିଳାଶ ସେନାପତି ଅଭିଯୁକ୍ତ ମିଳନକୁ ଦୋଷୀ ସାବ୍ୟସ୍ତ କରି ଉକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ଏହି ମାମଲାର ପରିଚାଳନା ସରକାରୀ ଓକିଲ ବସନ୍ତ ମିଶ୍ର କରିଥିଲେ ।

# ସମ୍ବଲପୁରରେ ଖୋଲିବ 'ଖାଓଗଲି'

**ସମ୍ବଲପୁର,୭।୧(ସମିସ)**



ଖୁବ ଶୀଘ୍ର ସମ୍ବଲପୁରରେ ଖୋଲିବ ଖାଓଗଲି ।ଖାଇବା ପାଇଁ ରାସ୍ତା କଡ଼ ଜାମରେ ଅପେକ୍ଷା କରିବାକୁ ପଡିବନି ।ଏଥିପାଇଁ ସମ୍ବଲପୁର ମହାନଗର ନିଗମ ଆରମ୍ଭ କରୁଛି ଅଭିନବ ପ୍ରୟାସ । ୪ରୁ ୫ଟି ସ୍ଥାନରେ ଖୋଲାଯିବ "ଖାଓଗଲି' । ଏଥିପାଇଁ ଜାଗା ଚିହ୍ନଟ ହୋଇସାରିଛି । ବାକି କାମ ସରିବା ପରେ ଖୁବଶୀଘ୍ର ଖୋଲାଯିବ । ଯେଉଠି ଭିନ୍ନ ଭିନ୍ନ ରକମର ଖାଦ୍ୟ ମିଳିବ । ପାର୍କିଂ ପାଇଁ ସୁବିଧା ରହିବ ।ଖୋଲା ସ୍ଥାନରେ ଖାଦ୍ୟର ମଜା ଉଠାଇବେ ସହରବାସୀ ।ଏନେଇ ସୂଚନା ଦେଇଛନ୍ତି ଏସ୍‌ଏମ୍‌ସି କମିଶନର ବେଦଭୂଷଣ ।ସମ୍ବଲପୁର ସହରରେ ରାସ୍ତାକଡ଼ରେ ଅନେକ ଖାଇବା ଷ୍ଟଲ୍ ରହିଛି । ଯାହାକି ରାସ୍ତାକୁ ଅଧିକ ଜାମ୍ କରିଥାଏ । ଲୋକ ଶାନ୍ତିରେ ଖାଇ ମଧ ପାରନ୍ତି ନାହିଁ । ଏହି ଅସୁବିଧାକୁ ଦୂର କରିବାକୁ ଏସ୍‌ଏମ୍‌ସି ନୂଆ ଯୋଜନା କରିଛି । ମେଟ୍ରୋ ସିଟି ଓ ଭୁବନେଶ୍ୱର, କଟକ, ରାଉରକେଲା ଭଳି ସମ୍ବଲପୁରରେ ତିଆରି ହେବ "ଖାଓଗଲି' । ଏଥିରେ ଷ୍ଟ୍ରିଟ୍ ଫୁଡ୍ ଷ୍ଟଲ୍‌ମାନେ ସ୍ଥାନ ପାଇବେ ।ଦୋକାନ ସହ ଗ୍ରାହକଙ୍କ ପାଇଁ ଖାଇବ ବ୍ୟବସ୍ଥା ହେବ । ଏନେଇ ସମ୍ବଲପୁର ମହାନଗର ନିଗମ କମିଶନର କହିଛନ୍ତି,ଲୋକଙ୍କ ସୁବିଧା ପାଇଁ ସହରରେ ଏବେ "ଖାଓଗଲି' ଖୋଲିବାକୁ ଯାଉଛି । ଏଥିପାଇଁ ଆମେ ୪ରୁ ୫ଟି ସ୍ଥାନକୁ ଚୟନ କରିଛୁ । ସବୁ ଏବେ ପ୍ରାଥମିକ ପର୍ଯ୍ୟାୟରେ ରହିଛି । ସ୍ଥାନୀୟ ଲୋକ ଓ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ଏହାକୁ "ଖାଓଗଲି' କରାଯିବ । ଫଳରେ ଲୋକଙ୍କୁ ଆଉ ବୁଲିବୁଲି ଖାଇବାକୁ ପଡିବନି ।

## ବିଭିନ୍ନ ଖାଦ୍ୟ ଏକାଠି ମିଳିବ

ଗୋଟିଏ ସ୍ଥାନରେ ସବୁ ପ୍ରକାରର ଖାଦ୍ୟ ଦୋକାନ ଉପଲବ୍ଧ ରହିବ । ଫଳରେ ସହରର ରାସ୍ତା କଡ଼ରେ ଅଧିକ ଭିଡ଼ ଜମିବ ନାହିଁ । ସମ୍ବଲପୁର ସହରରେ "ଖାଓଗଲି' ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲା । ଅଇଁଠାପାଲିରୁ ଫାଟକ,ମୁଦିପଡ଼ାରୁ କ୍ଷେତରାଜପୁର ଷ୍ଟେସନ,ବୈଦ୍ୟନାଥ ଛକରୁ ଲେଡିଲୁଇସ୍ ଛକ ଏବଂ ଗୋଲବଜାର ଛକପାଖରେ ରାସ୍ତାକଡ଼ରେ ଫାଷ୍ଟଫୁଡ୍ ସେଣ୍ଟର, ଗୁପଚୁପ୍ ଓ ଚାଟ୍ ଦୋକାନ,ଠେଲା ରହିଛି । ଜାଗା ଚିହ୍ନଟ ଶେଷ ହୋଇଛି , ଅଳ୍ପଦିନ ଭିତରେ ଷ୍ଟଲ୍ ଖୋଲାଯିବ ।

# ବୁର୍ଲାରେ ବୁଲିଲା ଖଣ୍ଡା, ୩ ଆହତ

ସମ୍ବଲପୁର,୭।୧(ସମିସ):କୌଣସି କଥାକୁ ନେଇ ବୁର୍ଲା ଗାନ୍ଧିପଡ଼ାରେ ଖଣ୍ଡାରେ ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି । ଆହତମାନେ ହେଲେ ଗାନ୍ଧିପଡ଼ାର ପିଣ୍ଟୁ ବାରିକ (୪୦), ବଲେରପଡ଼ାର ନର୍‌ସୁ ଛତ୍ରିଆ ଏବଂ ଆକ୍ରମଣକାରୀ ତାରିକ ମହାନନ୍ଦ ବୋଲି ଜଣପାଡିଛି । ତେବେ ପିଣ୍ଟୁଙ୍କ ସ୍ୱାସ୍ଥ୍ୟବସ୍ଥା ଅତ୍ୟନ୍ତ ଗୁରୁତର ଥିବା ଜଣାପଡିଛି । ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।ମିଳିଥିବା ସୂଚନା ମତେ ମଙ୍ଗଳବାର ମଧ୍ୟାହ୍ନରେ ପିଣ୍ଟୁ ଏବଂ ନର୍‌ସୁ ଗାନ୍ଧିପଡାରେ ଥିଲେ ।

ଏହି ସମୟରେ ତାରିକ ସେଠାରେ ପହଞ୍ଚିଥିଲା । ତାରିକ ସହିତ ପିଣ୍ଟୁ ଏବଂ ନର୍‌ସୁ ମଧ୍ୟରେ କୌଣସି କଥାକୁ ନେଇ କଥା କଟାକଟି ଆରମ୍ଭ ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ତାରିକ ଏକ ଖଣ୍ଡା ଆଣି ପିଣ୍ଟୁକୁ ଆକ୍ରମଣ କରିଥିଲେ । ପିଣ୍ଟୁର ପେଟ ଏବଂ ମୁଣ୍ଡରେ ଗଭିର ଆଘାତ ଲାଗିଥିଲା ।ଏହାପରେ ନର୍‌ସୁକୁ ଆକ୍ରମଣ କରିଥିଲା ତାରିକ ।ନର୍‌ସୁ ମଧ ଗୁରୁତର ହୋଇଥିଲା । ପଡ଼ାଲୋକେ ତାରିକକୁ କାବୁ କରି ପ୍ରବଳ ମାଡ଼ ମାରିଥିଲେ । ଏଥିରେ ଆକ୍ରମଣକାରୀ ତାରିକ ମଧ ଆହତ ହୋଇଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତିନିଜଣଙ୍କୁ ଚିକିତ୍ସା ପାଇଁ ବୁର୍ଲା ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡିଛି । ତେବେ ମେଡିକାଲରୁ ସୁସ୍ଥ ହେବା ପରେ ଅଭିଯୁକ୍ତ ତାରିକକୁ ପୁଲିସ ଗିରଫ କରିବ ବୋଲି ଜଣାପଡିଛି ।

# ପଣ୍ଡିତ ବୈକୁଣ୍ଠ ମିଶ୍ରଙ୍କ ବିୟୋଗ

**ରେଢ଼ାଖୋଲ,୭ ।୧(ସମିସ):**ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଅନ୍ତର୍ଗତ ବଡବାହାଲ ପଞ୍ଚାୟତ ଅଧୀନ ଖଣ୍ଡହତା ଗ୍ରାମରବାସିନ୍ଦା ପଣ୍ଡିତ ବୈକୁଣ୍ଠ



ମିଶ୍ର(୭୦)ଙ୍କ ଦେହାନ୍ତ ହୋଇଯାଇଛି ।ପଣ୍ଡିତ ଜଣଙ୍କ ଦୀର୍ଘ ଦିନ ହେବ ଅସୁସ୍ଥ ରହି ଚିକିତ୍ସାଧୀନ ଅବସ୍ଥାରେ ରହିଥିଲେ ।ମଙ୍ଗଳବାର ତାଙ୍କର ଦେହାନ୍ତ ପରେ ପରିବାର ଲୋକେ ଭାଙ୍ଗି ପଡ଼ିବା ସହ ରେଢ଼ାଖୋଲ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା ।ମୃତଦେହ ଘରକୁ ଆଣିବା ପରେ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ । ସେ ରେଢ଼ାଖୋଲ ଅଞ୍ଚଳରେ ବିଶିଷ୍ଟ ପୁରୋହିତ ଭାବରେ ସୁପରିଚିତ ଥିଲେ ।ସେ ଆୟର୍ବେଦିକ ଔଷଧ ତିଆରି କରି ଲୋକଙ୍କ ସେବା କରି ଆସୁଥିଲେ । ତାଙ୍କର ଦୁଇ ପୁତ୍ର ଅଶୋକ ମିଶ୍ର, ମନୋଜ ମିଶ୍ର ଓ ଦୁଇ ଜଣ ଝିଅ ମିନାକ୍ଷୀ ମିଶ୍ର,ସ୍ନେହଲତା ମିଶ୍ର ସମେତ ପରିଜନ ଉପସ୍ଥିତ ଥିଲେ ।

# ଅଟୋ ସହିତ କାର୍ ଧକ୍କା, ଜଣେ ଆହତ

**ରେଢ଼ାଖୋଲ,୭ ।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ-ବୌଦ୍ଧ ରାସ୍ତା ବଡବାହାଲ ଛକ ନିକଟରେ ଏକ ଅଟୋ ସହିତ କାର୍ ଧକ୍କାରେ ଅଟୋ ଡ୍ରାଇଭର ଗୁରୁତର ହୋଇଛନ୍ତି । ଖବର ପାଇ ରେଢ଼ାଖୋଲ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କରି ତାକୁ ରେଢ଼ାଖୋଲ ଡାକ୍ତରଖାନା ଆଣିଥିଲେ ।

କଦଳୀଗଡରୁ ଅଟୋ ଡ୍ରାଇଭର ସୁରେଶ ପ୍ରଧାନ ସମେତ ୨ ଜଣଙ୍କୁ ନେଇ ରେଢ଼ାଖୋଲ ଆଡ଼କୁ ଆସୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା କାର୍ ସାମ୍ନା ପଟୁ ଧକ୍କା ଦେଇଥିଲା । ଫଳରେ ଅଟୋରେ ବସିଥିବା ଅନ୍ୟ ଦୁଇ ଯାତ୍ରୀ ଛିଟିକି ପଡ଼ିଥିବା ବେଳେ ଅଟୋ ଚାଳକ ଗୁରୁତର ହୋଇଥିଲେ । ଅଟୋ ଡ୍ରାଇଭରଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି ,ଅନ୍ୟ ୨ଜଣ ସୁରକ୍ଷିତ ଅଛନ୍ତି । ଘଟଣାସ୍ଥଳରୁ ଫେରାର ଥିବା କାର୍ କଦଳୀଗଡ ଟୋଲ୍ ଗେଟ୍ ରେ ଧରାପଡ଼ିଛି ।

# ୪୪ କେଜି ଗଞ୍ଜେଇ ଜବତ, ୨ ଗିରଫ

**ସମ୍ବଲପୁର,୭।୧(ସମିସ):**ସମ୍ବଲପୁର ସଦର ଅବକାରୀ ଥାନା ପକ୍ଷରୁ ଧନୁପାଲି ଛକରୁ ଚୋରାଚାଲାଣ ହେଉଥିବା ବେଳେ ୪୪ କେଜି ଗଞ୍ଜେଇ



ଜବତ ସହ ୨ ଜଣଙ୍କୁ ଗିରଫ କରିଛି । ସୂଚନା ଅନୁସାରେ ୟୁପି ରାଜ୍ୟ ନମ୍ବର ଥିବା ଏକ ଚାରିଚକିଆ ଗାଡିରେ ସିକ୍ରେଟ ଚାମ୍ବର କରି ୪୪ କେଜି ଗଞ୍ଜେଇ ବୌଦ୍ଧ ଅଞ୍ଚଳରୁ ସମ୍ବଲପୁର ଦେଇ ପଞ୍ଜାବ ଚୋରାଚାଲାଣ ହେଉଥିଲା । ଧନୁପାଲି ଛକରେ ସଦର ଅବକାରୀ ଥାନା ପକ୍ଷରୁ ଅଭିଯୁକ୍ତଙ୍କୁ କାବୁ କରି ଗଞ୍ଜେଇକୁ ଜବତ କରାଯାଇଛି । ଏହି ଘଟଣାରେ ପଞ୍ଜାବ ରାଜ୍ୟ ଲୁଧିଆନାର ଲକ୍‌ୱିନ୍ଦର ସିଂ ଓ କୁଳଦିପଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।ଗଞ୍ଜେଇ ଚୋରାଚାଲାଣର ବ୍ୟବହୃତ ଗାଡ଼ି,ମୋବାଇଲ ଓ ୪୪ କେଜି ଗଞ୍ଜେଇକୁ ଜବତ କରାଯାଇଛି । ଜବତ ସବୁ ସାମଗ୍ରୀର ମୂଲ୍ୟ ୮ ଲକ୍ଷ ୪୫ ହଜାର ଟଙ୍କା ହେବ ବୋଲି ସଦର ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି ।

# ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

## ● ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ସମ୍ବଲପୁର,୭।୧(ସମିସ):ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ସୋମବାର ବିଦ୍ୟାଳୟର ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର କୁଲଦୀପଙ୍କ ଅଧ୍ୟକ୍ଷତାରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି ।ଅଧ୍ୟକ୍ଷ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ । ଆତ୍ମରକ୍ଷା ତାଲିମ ଶିବିର ୮ ଦିନ ଧରି ଚାଲିବ । ଶତାଧିକ ଛାତ୍ରୀ ତାଲିମ୍ ନେବା ପାଇଁ ଯୋଗ ଦେଇଥିଲେ , ଛଅ ଜଣ ପ୍ରଶିକ୍ଷକ ତାଲିମ ପ୍ରଦାନ କରିବେ ।କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟଙ୍କା ଅନୁରାଗ ପ୍ରଶିକ୍ଷଣର କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି । ଶିବିରର ଶେଷ ଦିନରେ ତାଲିମ ପ୍ରାପ୍ତ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯିବ ।

## ● ବିଆର୍‌ଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଜମନକିରା,୭ ।୧(ସମିସ): ଜମନକିରା ବିଆର୍‌ଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରତାପ କୁମାର ମହାକୁଲଙ୍କ ସଭାପତିତ୍ୱରେ ଛାତ୍ରୀମାନଙ୍କର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି ।ଖେଳ ଶିକ୍ଷକ ଦେବେନ୍ଦ୍ର ନାୟକ ଅତିଥି ପରିଚୟ ସହ ସଭା ସଂଯୋଜନା କରିଥିଲେ । ଅଧ୍ୟକ୍ଷ ପ୍ରତାପ କୁମାର ମହାକୁଳ ଏବଂ ମାଷ୍ଟର ଟ୍ରେନର ଉପାସୀ ନାଏକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଂଯୋଜିକା ଅନିତା ପଟେଲ ସଭା ପରିଚାଳନାରେ ସହଯୋଗ ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।



## ● ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



**ଜମନକିରା,୭ ।୧(ସମିସ):**ଜମନକିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ପଟେଲଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଏସଟିଡିପି ଭାରପ୍ରାପ୍ତ ଅଧିକାରୀ ରଂଜନ କୁମାର ମହାକୁଳ ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱକୁ ଆଲୋକିତ କରିଥିଲେ ।ମାଷ୍ଟର ଟ୍ରେନର ଉପାସୀ ନାୟକ ଯୁକ୍ତ ଦୁଇ ପ୍ରଥମ ବର୍ଷର ୧୩୯ ଜଣ ଛାତ୍ରୀଙ୍କୁ ତାଲିମ ଦେଇଥିଲେ । କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ଅଙ୍କିତା ରାଣୀ କର୍ଣ୍ଣ, ଇତିହାସ ଅଧ୍ୟାପକ ଭାବଗ୍ରାହୀ ବାର୍ଗେ, ଓଡ଼ିଆ ଅଧ୍ୟାପିକା ମନୀଷା ପରିଡା ଏବଂ ଅର୍ଥନୀତି ଅଧ୍ୟାପିକା ମଧୁସ୍ମିତା ନାୟକ ଉପସ୍ଥିତ ଥିଲେ ।

# ଆବର୍ଜନା ଭର୍ତ୍ତି ରାଜଧାନୀପଡ଼ା ପୋଖରୀ



**କୁଚିଣ୍ଡା,୭ ।୧(ସମିସ):**କୁଚିଣ୍ଡା ଏନ୍‌ଏସି ଅଧୀନରେ ଅନେକ ଗୁଡିଏ ପୋଖରୀ ରହିଥିଲା ସେଥିମଧ୍ୟରୁ କିଛିଟା ପୋତା ଯାଇ ପାର୍କ ,ବସ୍ତିବାସିନ୍ଦାଙ୍କ ପାଇଁ କମ୍ୟୁନିଟି ସେଣ୍ଟର,ସୁସ୍ଥ ବାତାବରଣରେ ଚଲାବୁଲା ପାଇଁ ଚଲା ପଥ ସହ ଆହୁରି ଅନେକ କାର୍ଯ୍ୟ କରାଇଥିବା ବେଳେ ଲାକି ମନ୍ଦିର,ରୁଗୁଡ଼ି ବନ୍ଧ, ତଳିକଟା, ଶ୍ରଦ୍ଧାସାଗର ସାଙ୍ଗକୁ ରାଜଧାନୀପଡ଼ା ପୋଖରୀ ଆଦିକୁ ଆଦର୍ଶ ପୋଖରୀ କରିବା ପାଇଁ ଏନଏସି ପକ୍ଷରୁ ଠିକା ସଂସ୍ଥା କୁ ଏସମସ୍ତ ପୋଖରୀ ର ପୁନଃରୁଦ୍ଧାର, ପଙ୍କଦ୍ଧାର କାମ କରି ଏକ ଆଦର୍ଶ ପୁଷ୍କରିଣୀ କରିବାର ପ୍ରୟାସ ଜାରି ରଖି ବହୁ ଅର୍ଥ ଖର୍ଚ୍ଚ କରି ମଧ ପୂର୍ବ ପରି ଅଳିଆ ଆବର୍ଜନା, ପଦ୍ମଦଳ, ପୋଖରୀ ହୁଡାରେ ଅନାବନା ଲତାବୁଦା ରହି ଅପ୍ରିତିକାର ପରିବେଶ ସୃଷ୍ଟି କରୁଛି । ସଫେଇ ନାମରେ କିଛି ବ୍ୟକ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲେ ହେଲେ ସଫେଇ ନାମରେ କିଛି ଟଙ୍କା ଖର୍ଚ୍ଚ କରି ବହୁ ଟଙ୍କା ଖର୍ଚ୍ଚ ନକରି ବି ମିଥ୍ୟା ବିଲ ମାଧ୍ୟମରେ ଆଧସାତ କରାଯାଇଥିବା ଅନେକ ଥର ଅଭିଯୋଗ ହୋଇଥିଲେ ବି ଏନ୍‌ଏସି ପକ୍ଷରୁ ସେତେଟା ଆଖି ଦୃଶିଆ ପଦକ୍ଷେପ ନେଇ ନଥବାରୁ ଅଞ୍ଚଳ ରେ ଅସନ୍ତୋଷ ଦେଖାଦେଇଥିଲା ।କିଛି ଦିନ ପ୍ରତିକ୍ରିୟା ପରେ ପୁରା ଶାନ୍ତ ପଡିଯାଇଥିଲା । ସେ ଯାହା ବି ହୋଉ ରାଜଧାନୀ ପଡ଼ା, ଶ୍ରଦ୍ଧା ସାଗର ଏବଂ କାଳୀମନ୍ଦିରରୁ ରୁଗୁଡ଼ି ବନ୍ଧ ଆଦିକୁ ଏନ୍‌ଏସି ପକ୍ଷରୁ ଗୁରୁତ୍ୱ ଦେଇଛି ପୋଖରୀ ବାହାର ଭିତର ଠିକ ଭାବେ ସଫା କରାଗଲେ ଅତ୍ୟନ୍ତ ପକ୍ଷେ ଶୌଚ ସାନ୍ନ ସହ ଗାଈଗୋରୁମାନେ ପାଣି ଟିକେଏ ଭଲ ଭାବରେ ପିଇ ନିଜର ତୃଷା ନିବାରଣ କରିପାରନ୍ତେ । ପୋଖରୀରେ ଥିବା ପାହାଚ ତୁଠ ଗୁଡିକ ଦୀର୍ଘ ଦିନ ହେବ ଅଳିଆ ଆବର୍ଜନାରେ ପୋତି ହୋଇ ଗଲାଣି ଦୀର୍ଘ ଦିନ ହେବ ଅଳିଆ ଆବର୍ଜନା ପୋତି ହୋଇ ଗଲାଣି ଏଣୁ ସବୁ କୁ ଘଡି ସନ୍ଧି ମୁହୂର୍ତ୍ତ ରେ ସଫା ସୂତରା କରି ଜନ ହିତ ରର ଲଗାଇବା ପାଇ ଜନସାଧାରଣ ରେ ଦାବି ହେଉଛି ।

# ଗୁଡ୍ ସମାରିଟାନ୍ ଇଂରାଜୀ ମାଧ୍ୟମ ସ୍କୁଲର ରୌପ୍ୟ ଜୟନ୍ତୀ

**ଜମନକିରା,୭ ।୧(ସମିସ):** ସ୍ଥାନୀୟ ଗୁଡ଼ ସମାରିଟାନ ଇଂରାଜୀ ମାଧ୍ୟମ ସ୍କୁଲ ରୌପ୍ୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ସଭାପତି ପ୍ରଶନ୍ନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁକ୍ମଣ ପ୍ରଧାନ ମୁଖ୍ୟଅତିଥି ଓ ସ୍ଥାନୀୟ ଡିଗ୍ରୀ କଲେଜ ଅଧ୍ୟକ୍ଷ ଅରୁଣ ପଟେଲ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଜମନକିରା ଥାନା ଏଏସ୍‌ଆଇ କିଶୋର କୁମାର ସାହୁ,ଜମନକିରା ସର୍କଲ ସିଆରସିସି ଆନନ୍ଦ ସାହୁ ଯୋଗ ଦେଇଥିଲେ ।ମଧ୍ୟାହ୍ନ ୧୨ ଟାରେ ମଞ୍ଚାସିନ ଅତିଥିବୃନ୍ଦ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ପ୍ରିନ୍ସିପାଲ କାନ୍ତିଲତା ପଟେଲ ମଞ୍ଚାସିନ ଅତିଥି ବୃନ୍ଦଙ୍କ ପରିଚୟ ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ।ସହଯୋଗୀ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଧୁରୂଆ ବାର୍ଷିକ ବିବରଣୀ ପଠନ କରିଥିଲେ ।ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସ୍କୁଲର ଆଲୁମନି ଛାତ୍ରୀମାନେ ୩ଟି କେକ୍ କାଟି ପରସ୍ପରକୁ ଖୁଆଇଥିଲେ ।ସ୍କୁଲର କୁନି କୁନି ଶିଶୁଙ୍କ ମଧ୍ୟରେ ଏକକ ନୃତ୍ୟ, ଦଳଗତ ନୃତ୍ୟ ପରିବେଷଣ କରାଯାଇ ଥିଲା । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୁନି ପ୍ରତିଭାଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ ।ବିଭିନ୍ନ ବେଶ ପୋଷାକରେ କୁନି ପ୍ରତିଭାମାନେ ସଜ୍ଜିତ ହୋଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝଲକ ଦେଖାଇଥିଲେ । ମଞ୍ଚ ପରିଚାଳନା କରିଥିଲେ ସହକାରୀ ଶିକ୍ଷୟିତ୍ରୀ ଧରିତ୍ରୀ ନାଏକ, ନିରୁପମା ସେଠୀ ଏବଂ ସୁନୀତା ଠାକୁର ପୁରସ୍କାର ବିତରଣ ଏବଂ ତୃତୀୟା ସେଠ ସହଯୋଗ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ଗୀତା କୁମୁରା ଧନ୍ୟବାଦ ଜଣାଇଥିଲେ ।

# ଦୁର୍ଘଟଣାରେ ୨ ସାଙ୍ଗ ମୃତ

ସମ୍ବଲପୁର,୭।୧(ସମିସ):ସମ୍ବଲପୁର-ବରଗଡ ୫୩ନଂ ଜାତୀୟ ରାଜପଥର ଲକ୍ଷ୍ମୀ ଡୁଙ୍ଗୁରୀ ନିକଟରେ ସଡ଼କ ଦୁର୍ଘଟଣାରେ ଦୁଇ ସାଙ୍ଗଙ୍କ ମୃତ୍ୟୁ ଘଟିଛି । ମୃତକମାନେ ବରଗଡ ଜିଲ୍ଲା ଅତାବିରା ଥାନା ରୁଝେନ୍‌ମାଲ ଗ୍ରାମର ଆନନ୍ଦ ଏକ୍କା (୩୦) ଏବଂ ସମରା ଲୁଗୁନ (୩୦) । ଉଭୟଙ୍କ ମୃତଦେହ ପୁଲିସ ଜବତ କରି ଭିମ୍‌ସାର୍ ଫାଣ୍ଡି ଫ୍ରିଜର୍‌ରେ ରଖିଛି । ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ । ଦୁଇ ସାଙ୍ଗ କୌଣସି କାମରେ ସମ୍ବଲପୁରକୁ ଆସିଥିଲେ । କାମ ସାରି ମଧ୍ୟାହ୍ନରେ ଏକ ବାଇକ୍‌ରେ ଘରକୁ ଫେରୁଥିଲେ । ଲକ୍ଷ୍ମୀ ଡୁଙ୍ଗୁରୀ ନିକଟରେ ଆଗରେ ଯାଉଥିବା ଏକ ବାଇକ୍‌କୁ ଧକ୍କାଦେଇ ଭାରସାମ୍ୟ ହରାଇ ଉଭୟେ ଛିଟିକି ପଡିଥିଲେ ।ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବୁର୍ଲା ମେଡିକାଲକୁ ଆଣିଥିଲେ । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।

# ଯୁବ ମହୋତ୍ସବର ପ୍ରଥମ ଦିନ; ଶାନ୍‌ଙ୍କ ଗୀତରେ ଝୁମିଲେ ଦର୍ଶକ

**ସମ୍ବଲପୁର,୭ ।୧(ସମିସ)**





ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତବର୍ଷର ତିନିଦିନିଆ ଲୋକମହୋତ୍ସବ ସହ ଦୁଇ ଦିନିଆ ଯୁବ ଉତ୍ସବ ଯୋଡି ଦିଆଯାଇଛି । ଏହିକ୍ରମରେ ସୋମବାର ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହ ଲୋକମହୋତ୍ସବ ୨୦୨୫ର ସମାପନ ପରେ ମହା ଆଡମ୍ବରରେ ଆରମ୍ଭ ହୋଇଛି ଯୁବ ଉତ୍ସବ ।ଏଥିରେ ବଲିଉଡର ପ୍ରସିଦ୍ଧ ଗାୟକ ଶାନ ମୁଖାର୍ଜୀ ଏବଂ ତାଙ୍କ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଉଦ୍‌ଘୋଷିକା ମୀମାଂସା ପ୍ରିୟଦର୍ଶିନୀ ରଥଙ୍କ ଉଦଘୋଷଣା ଓ ସଚିନଙ୍କ ଏକ ଓଡିଆ ଗୀତ "ହେ ଜଗା ତୋ କଳା ଅନ୍ଧାର'ରୁ ଆରମ୍ଭ ହୋଇଥିଲା ସନ୍ଧ୍ୟାର ସଙ୍ଗୀତର କାର୍ଯ୍ୟକ୍ରମ । ଏହାପରେ ସମ୍ବଲପୁରୀ ଗୀତ "ଆମେ ସମ୍ବଲପୁରିଆ' ସହ ଚାରୋଟି ଗୀତ ପରିବେଷଣ କରିବା ପରେ ସନ୍ଧ୍ୟାର ସଭା କାର୍ଯ୍ୟକ୍ରମ ଆରମ୍ଭ ହେଲା । ସଭାକୁ ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ସଂଯୋଜନା କରିଥିଲେ । ଲୋକ ମହୋତ୍ସବ ସଂଯୋଜକ ପ୍ରଫୁଲ୍ଲ କୁମାର ହୋତା ଓ ସହ ସଂଯୋଜକ ରଞ୍ଜନ ସାହୁ ଅତିଥିମାନଙ୍କୁ ମଞ୍ଚକୁ ପାଛୋଟି ଆଣିଥିଲେ । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୋଦିନୀ ନାଏକ ବକ୍ତବ୍ୟରେ ଆମେ ଆମର କଳା ଓ ସଂସ୍କୃତିର ସଂରକ୍ଷଣ ସକାଶେ ଏଭଳି ମହୋତ୍ସବରେ ସୁଯୋଗ ପାଉଛୁଁ । ମୁଖ୍ୟ ଅତିଥି ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ କହିଥିଲେ ସମ୍ବଲପୁର ମାଟିର ମହତ୍ୱ ନିଆରା ଅଟେ । ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ,ଶ୍ୟାମ ମେଟାଲିକର ନିର୍ଦ୍ଦେଶକ ଦେବ କୁମାର ତିୱାରୀ,ପଦମପୁରର ଏଡିଏମ କୁନାଲ ଚୌହାନ,ନାକଟିଦେଉଲ ବ୍ଲକ୍ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ,ଜମନକିରା ବ୍ଲକ୍ ଅଧ୍ୟକ୍ଷ ଆଶ୍ରିତା ଭୋଇ, ରେଢାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଶିବରାମ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ସଂଯୋଜକ ଧନ୍ୟବାଦ ଅର୍ପଣ କରିଥିଲେ ।ଏହାପରେ ଓଲିଉଡ ଗାୟିକା ସୋନମ ଦାସ ମଞ୍ଚକୁ ଆସି ତାଙ୍କ ଗୀତରେ ଦର୍ଶକମାନଙ୍କୁ ଝୁମେଇ ଦେଇଥିଲେ । ସମ୍ବଲପୁରରେ ଜନ୍ମିତା ମହାନ ଗାୟିକା ସ୍ୱର୍ଗୀୟ ତପୁ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେ ଏକ ଓଡିଆ ଗୀତ ମଧ ଗାଇ ଥିଲେ । ଏହି ସମୟରେ ପୂର୍ବତନ ଜିଲ୍ଲାପାଳ ମୃଣାଳିନୀ ଦର୍ଶୱାଲଙ୍କ ଆଗମନ ହେଲା ସେ ଜିଲ୍ଲାପାଳ ଓ ମହାନଗର ନିଗମ ଆୟୁକ୍ତ ତଥା ସଂଯୋଜକଙ୍କ ସହ ମଞ୍ଚକୁ ଯାଇ ଗାୟକ ଶାନଙ୍କୁ ଉପଢୌକନ ଓ ଲୋକମହୋତ୍ସବର ସ୍ମୃତିଚିହ୍ନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଯେତେବେଳେ ସେ ରଙ୍ଗବତୀ ଗୀତ ଗାଇଥଲେ, ଯୁବ ଦର୍ଶକମାନେ ଜୋସରେ ଆସି ଉତ୍ସାହରେ ନାଚି ପକାଇଲେ ।ଶେଷରେ ଶାନ ଯୁବକମାନଙ୍କୁ ସତମାର୍ଗରେ ଯାଇ କିଛି କରିକି ଦେଖାଇବା ପାଇଁ ପରାମର୍ଶ ଦେଇ ମଞ୍ଚରୁ ବିଦାୟ ନେଲେ ।

# ନୃସିଂହ ଗୁରୁ ଟାଉନ ହାଇସ୍କୁଲର ପ୍ରତିଷ୍ଠା ଦିବସ



**ସମ୍ବଲପୁର,୭।୧(ସମିସ):**ପୂର୍ବତନ ଛାତ୍ର ସଂସଦ ଓ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଙ୍କ ମିଳିତ ଆନୁକୂଲ୍ୟରେ ନୃସିଂହ ଗୁରୁ ଟାଉନ ହାଇସ୍କୁଲର ପ୍ରତିଷ୍ଠା ଦିବସ ପ୍ରଥମ କରି ପାଳନ କରାଯାଇଛି । ସ୍କୁଲର ପ୍ରଧାନ ଶିକ୍ଷକ ବଲ୍ଲଭ ମେହେରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ । ଆଲୁମନି ସଭାପତି ଡ.ପରେଶ ଦାନୀ ନିଜର ଅନୁଭୂତି ବର୍ଣ୍ଣନା କରି କିପରି ଆତ୍ମବିଶ୍ୱାସ ଦ୍ୱାରା ଭବିଷ୍ୟତରେ ନିଜକୁ କିପରି ପ୍ରତିଷ୍ଠିତ କରିପାରିବ ସୂଚନା ଦେଇଥିଲେ ।ସଂପାଦକ ଦୀନବନ୍ଧୁ ପଣ୍ଡା ତାଙ୍କ ବିବରଣୀରେ ପୁରାତନ ଛାତ୍ର ସଂସଦ ନେଇଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ । ଉପସଭାପତି ଡ.ବିଜୟ କୁମାର ପ୍ରଧାନ ଓ ଅଖିଳ ମୋହନ ପଟ୍ଟନାୟକ ଛାତ୍ରଙ୍କୁ ଭଲ ମଣିଷ ହେବାକୁ ଆହ୍ୱାନ କରିଥିଲେ । ପୂର୍ବତନ ଜିଲ୍ଲା ଖେଳ ନିରୀକ୍ଷକ ଜଗବନ୍ଧୁ ବେହେରା ଖେଳରେ ଆଗକୁ ଗଲେ ନିଜକୁ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି କହିଥିଲେ । ମୁଖ୍ୟ ଅତିଥି ମହିଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡ.ସନ୍ତୋଷ କୁମାର ଦାଶ ଛାତ୍ରମାନଙ୍କୁ ହମ ହୋଙ୍ଗେ କାମିୟାବ୍ ସ୍ଲୋଗାନ୍ ଦେଇ ପ୍ରେରିତ କରିଥିଲେ । ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ପୁରସ୍କୃତ କରାଯାଇଥିଲା । ସିନିୟର ଚାମ୍ପିଅନ ବ୍ୟୋମକେଶ ନାଏକ, ଜୁନିୟର ଚାମ୍ପିଅନ କିଶୋର ମେହେର ଓ ସବ୍ ଜୁନିଅର ଚାମ୍ପିଅନ ନିର୍ମଳ ଲୁହାଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଂଯୋଜନା ଓ ଉପସ୍ଥାପନ କରିଥିଲେ ଶ୍ରୀମତୀ ମୀନା କୁମାରୀ ମିଶ୍ର ଓ ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀମତୀ ସୀମା ସାନ୍ୟାଲ ।ପରେ ଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବନ୍ଧବାହାଲ ଧନୁଯାତ୍ରା ମହୋତ୍ସବ

# କୋଇଲା ନଗରୀରେ କଂସ ରାଜୁତି

ଇବଥର୍ମାଲ, ୭ ।୧(ସମିସ):



ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ଠାରେ ଆରମ୍ଭ ହୋଇଯାଇଛି ୧୮ତମ ପ୍ରସିଦ୍ଧ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ। କୋଇଲାନଗରୀ ବନ୍ଧବାହାଲ କଲୋନୀ ପାଲଟିଛି ମଥୁରାପୁର। ଆଲୋକ ମାଳା ସାଙ୍ଗକୁ ସୁଉଚ୍ଚ ତୋରଣରେ ଝଲସୁଛି ମଥୁରା ନଗରୀ। ମୁକ୍ତାକାଶ ରଙ୍ଗମଞ୍ଚରେ ଅଭିନୀତ ହୋଇଛି ଧନୁଯାତ୍ରାର ପ୍ରାରମ୍ଭିକ କଥାବସ୍ତୁ। ଯୁବରାଜ କଂସଙ୍କ ଦିଗ୍ ବିଜୟ ଓ ପରାକ୍ରମ ପ୍ରଦର୍ଶନ। ରାଜା ଉଗ୍ରସେନ ପାତ୍ରମନ୍ତ୍ରୀଙ୍କ ସହ ଦରବାରକୁ ଆଗମନ କରି ଝିଅ ଦେବକୀଙ୍କ ବିବାହ ପାଇଁ ବିଚାର ବିମର୍ଷ କରିଛନ୍ତି। ରାଜାଙ୍କ ନିର୍ଦ୍ଦେଶରେ ଦେବକୀଙ୍କ ପାଇଁ ଖୋଜା ଚାଲିଛି ବର। ଦେବକୀ ବସୁଦେବଙ୍କ ବିବାହ ଖବର ପରେ ଭଉଣୀ ବିବାହ ପାଇଁ ଯୁବରାଜ କଂସ ଆଖିରେ ନିଦ ନାହିଁ। ଧୁମ୍‌ଧାମରେ ବିବାହ ସମ୍ପନ୍ନ ହେବାପରେ ଆସିଛି ବିଦାୟର ବେଳ। ନବଦମ୍ପତି(ଦେବକୀ ଓ ବସୁଦେବ)ଙ୍କୁ କଂସ ରଥରେ ବସାଇ ଛାଡିବାକୁ ଯିବାବେଳେ ହଠାତ୍ ଦୈବୀବାଣୀ ହେବାରୁ କଂସ ବିବ୍ରତ ହୋଇଯାଇଛି। ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ ତାର ମୃତ୍ୟୁର କାରଣ ଜାଣି ନିଜ ପିତା ରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରାଇ କଂସ ନିଜେ ମଥୁରାର ରାଜା ହୋଇ ନିଜକୁ ମହାରାଜ ଘୋଷଣା କରିଛି। କଂସ ନିର୍ଦ୍ଦେଶରେ ଦେବକୀ ବସୁଦେବଙ୍କୁ କାରାଗାରରେ ବନ୍ଦୀ ହେବାକୁ ପଡ଼ିଛି। ଦୁରାଚାର ଆରମ୍ଭ କରି ବନ୍ଧବାହାଲରେ କଂସ ତାର ନିଷ୍ଠୁରତା ପ୍ରଦର୍ଶନ କରିଛି। ଆଜି ଦିନ ୨ଟାରୁ ଶୋଭାଯାତ୍ରା ହୋଇ ଗୋପପୁରେ ପହଞ୍ଚିବାପରେ ମୁକୁଟ ପୂଜା ପରଂପରା ପାଳନ କରାଇଛି। ଏକ ଶୋଭାଯାତ୍ରାରେ ମୁକୁଟକୁ ଧନୁଯାତ୍ରା କମିଟି ସମ୍ପାଦକ ପ୍ରେମାନନ୍ଦ ସାହୁଙ୍କ ଘରକୁ ଅଣାଯାଇ ରିତିନୀତି ଅନୁସା ପୂଜା କରାଯାଇଛି। କମିଟି ସଦସ୍ୟଙ୍କ ଉପସ୍ଥିତିରେ ଦରବାର ଓ ଯାତ୍ରାର ଉଦ୍‌ଘାଟନ କରାଯାଇଛି। ସଭାପତି ବେଣୁଧର ସିଂହ, ମୁଖ୍ୟ ପେଟ୍ରନ୍ ରଘୁନନ୍ଦନ ପଣ୍ଡା, କାର୍ଯ୍ୟକାରୀ ସଭାପତି ନିରଞ୍ଜନ କରାଲୀ, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ୱର୍ଗତ ମନମୋହନ ସିଂହଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଜ ଅତିଥି ଭାବେ ଲଖନପୁର ବିଡିଓ ବିନୟ କୁମାର ପଟେଲ, ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ବନହରପାଲି ଆଇଆଇସି ରଞ୍ଜିତ ନାୟକ ଯୋଗ ଦେଇଥିବା ବେଳେ ବେଣୁଧର ସିଂହ ସଭାପତିତ୍ୱ କରିଥିଲେ। ମଞ୍ଚ ସଞ୍ଚାଳନ ଉମାକାନ୍ତ ପଣ୍ଡା କରିଥିଲେ।

## ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜନ୍ମତିଥି ପାଳିତ



ଝାରସୁଗୁଡ଼ା, ୭ ।୧(ସମିସ): ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଝାରସୁଗୁଡ଼ା ବିଧାୟକ ସ୍ୱର୍ଗୀୟ ନବକିଶୋର ଦାସଙ୍କ ୬୩ ତମ ଜନ୍ମତିଥି ପାଳନ କରାଯାଇଛି। ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟ ସମ୍ମୁଖ ଛକଠାରେ ଥିବା ଶ୍ରୀଦାସଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ରବି ସିଂ, ରଘୁମଣି ପଟେଲ, ଝାରସୁଗୁଡ଼ା ପୌର ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ପୱନ୍ ସିଂ ଯାଦବ, ପ୍ରତାପ ନନ୍ଦ, ପିଣ୍ଟୁ ପାଢ଼ୀ, ଅଶୋକ ଦାସ, ଜୟନ୍ତ ଦୀକ୍ଷିତ, ଦାମୋଦର ନାଥ, ନୀଳାମ୍ବର ଡନସେନା, ଲାଲା ଶର୍ମା, ମଣ୍ଟୁ ପଣ୍ଡା, ଚିରଞ୍ଜିବି ପତି, ଏମ୍‌ଡି ଅର୍ଶଦ, ଆଲୋକ ପ୍ରଧାନ, ଲିଙ୍ଗରାଜ ମହାପାତ୍ର, ଦିପା ନାଏକ, ନବନିତ କୋର, ଲକ୍ଷ୍ମୀ ଥାପା, ବେଲା ଥାପା, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲାରେ ବିଗତ ବର୍ଷ ମାନଙ୍କ ମଧ୍ୟରେ ହୋଇଥିବା ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିକାଶ କ୍ଷେତ୍ରରେ ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଦାସଙ୍କ ପ୍ରଚେଷ୍ଟା ଅତୁଳନୀୟ ବୋଲି ଏହି ଅବସରରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଶହ ଶହ କର୍ମୀ ସାମିଲ ହୋଇଥିଲେ।

## ମହାସମାଧାନ ଶିବିର

ଝାରସୁଗୁଡ଼ା, ୭।୧(ସମିସ): ଜିଲ୍ଲା ମୁଖ୍ୟାଳୟସ୍ଥିତ ଜନଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି.ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଭୋଇ, ତହସିଲଦାର ସଦାକର କୁମ୍ଭାର, ସହକାରୀ ଜିଲ୍ଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୬୯ଟି ଅଭିଯୋଗ ଆଗତ ହୋଇଥିବା ୧୭ସାମୂହିକ ଓ ୫୨ଟି ବ୍ୟକ୍ତିଗତ। ଶିବିରରେ ଜାମମାଲରେ କଲ୍ୟାଣ ମଣ୍ଡପ କାର୍ଯ୍ୟ ସମ୍ପାଦନ କରାଯିବା, ବ୍ରଜରାଜନଗରରେ ଠିପି ଖୋଲା ମଦ ଦୋକାନ ବନ୍ଦ କରାଯିବା, ଲକ୍ଷ୍ମୀବସ୍ ଚଳାଚଳ, ପାହାଡ଼ିମନ୍ଦିର ରକ୍ଷଣାବେକ୍ଷଣ ବାବଦକୁ ପ୍ରାପ୍ୟ ପ୍ରଦାନ, ତାଳପଟିଆରେ ଉନ୍ନତିମୂଳକ କାର୍ଯ୍ୟ, ବ୍ରଜରାଜନଗର ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ, ତାଳମାଲରେ ତଳକଟାରୁ ପଙ୍କଉଦ୍ଧାର, ଅର୍ଡାରୁ ଧୁତ୍ରା ରାସ୍ତା ମରାମତି, ଲଖନପୁର ଏମସିଏଲ ଠିକା କମ୍ପାନୀରେ ନିଯୁକ୍ତି, ସାଲେଟିକ୍ରାରେ ବେଆଇନ ଭାବେ ସରକାରୀ ଜମି ଜବରଦଖଲ ସମ୍ପର୍କିତ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ଜଙ୍ଗଲ ଜମିପଟ୍ଟା, ଚିକିତ୍ସା ବାବଦକୁ ଆର୍ଥିକ ସହାୟତା, ବିଧବା ଭତ୍ତା ଓ ରାସନ୍ କାର୍ଡ ପ୍ରଦାନ ସମ୍ପର୍କିତ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଅଭିଯୋଗ ସମ୍ବନ୍ଧରେ ତର୍ଜମା ପୂର୍ବକ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### • ଟିଆର୍‌ଏଲ୍ କ୍ରୋସାକି ଫୁଟବଲ୍ କପ୍

## ୱେଷ୍ଟବେଙ୍ଗଲ ପୁଲିସ ଟିମ୍ ବିଜୟୀ



ଝାରସୁଗୁଡ଼ା, ୭।୧(ସମିସ): ବେଲପାହାଡ଼ ଗୁମାଡେରାସ୍ଥିତି ଟିଆରଏଲ ଷ୍ଟାଡିୟମରେ ଆରମ୍ଭ ହୋଇଛି ନ୍ୟାସନାଲ ଲେଭଲ ଟିଆରଏଲ କ୍ରୋସାକି କପ ଫୁଟବଲ ଟୁର୍ଣ୍ଣାମେଣ୍ଟ। ଉଦ୍‌ଘାଟନୀ ଦିବସରେ ୱେଷ୍ଟବେଙ୍ଗଲ ପୁଲିସ କୋଲକାତା ଏବଂ ୟୁନାଇଟେଡ଼ କ୍ଲବ ବରଗଡ଼ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ୱେଷ୍ଟବେଙ୍ଗଲ ପୁଲିସ କୋଲକାତା ଟିମ୍ ୧-୦ ଗୋଲରେ ବିଜୟୀ ହୋଇଛି। ଆସନ୍ତା ୧୨ ତାରିଖରେ ଫାଇନାଲ ମ୍ୟାଚ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ପ୍ରତିଯୋଗିତାରେ ନେପାଳ, ପଶ୍ଚିମବଙ୍ଗ, ରାଞ୍ଚି, ତାମିଲନାଡୁ, ଭୁବନେଶ୍ୱର, ଝାରସୁଗୁଡ଼ା ଓ ବରଗଡ଼ ସୁନାବେଡ଼ାରୁ ୮ ଟି ଦଳ ଅଂଶଗ୍ରହଣ କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ସରପଞ୍ଚ ଗୁରୁତର

କୋଲାବିରା, ୭ ।୧(ସମିସ): କୋଲାବିରା ସରପଞ୍ଚ ଚେତାନନ୍ଦ ନଈ ଆଜି ବାଇକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସାଙ୍ଗରେ ଥିବା ଅନ୍ୟ ଦୁଇଜଣ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। କୋଲାବିରା ସରପଞ୍ଚ ଶ୍ରୀ ନଈ ସାଙ୍ଗରେ ଦୁଇଜଣଙ୍କୁ ନେଇ ବାଇକରେ ରେଙ୍ଗାଲିରୁ କୋଲାବିରାକୁ ଫେରୁଥିବା ସମୟରେ ଅପରାହ୍ନ ୪ଟା ସମୟରେ ସମାସିଂହା-ସୋଡାମାଲ ମଝି ଭେଡେନ ନଦୀ ବ୍ରିଜ୍ ଉପରେ ସାମ୍ନା ପଟେ ଯାଉଥିବା ଏକ ବାଇକ ହଠାତ୍ ଅଟକି ଯିବାରୁ ପଛପଟୁ ଉକ୍ତ ବାଇକ ସହ ଧକ୍‌କା ହୋଇଥିଲା। ଏଥିରେ ବ୍ରିଜ କାନ୍ଥରେ ସରପଞ୍ଚଙ୍କ ମୁଣ୍ଡ ପିଟି ହେବା ସହ ସେ ଗୁରୁତର ଆହତ ହୋଇଥିଲେ। ସାଙ୍ଗରେ ଥିବା ସନ୍ୟାସିପାଲି ଗ୍ରାମର ଘନଶ୍ୟାମ ଚର୍ଡିଆ(୧୯) ଓ ଅଶୋକ ଚର୍ଡିଆ(୨୨) ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧରକରି କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମାତ୍ର ସରପଞ୍ଚଙ୍କ ସଜ୍ଞା ଫେରି ନ ଥିବାରୁ ତାଙ୍କୁ ପ୍ରାଥମିକ ଉପଚାରପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅନ୍ୟ ଦୁଇ ଆହତଙ୍କୁ କୋଲାବିରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଚାର ପରେ ଛାଡି ଦିଆଯାଇଛି।

## ଶିଳ୍ପାନୁଷ୍ଠାନ ସମୂହର ପରାମର୍ଶଦାତା ମଣ୍ଡଳୀ ବୈଠକ

ଝାରସୁଗୁଡ଼ା, ୭।୧(ସମିସ): ଝାରସୁଗୁଡ଼ାସ୍ଥିତ ଶିଳ୍ପାନୁଷ୍ଠାନ ସମୂହର ପରାମର୍ଶଦାତା ମଣ୍ଡଳୀର ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ପ୍ରଶାସନ, ଜିଲ୍ଲା ଶିଳ୍ପକେନ୍ଦ୍ର ଓ ଜିଲ୍ଲା ଶିଳ୍ପ ସଂସ୍ଥା ମିଳିତ ଆନୁକୂଲ୍ୟରେ ବୈଠକରେ ପରାମର୍ଶଦାତା ମଣ୍ଡଳୀର ଅଧ୍ୟକ୍ଷା ତଥା ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବୃହତ୍ ଏବଂ ମଧ୍ୟମ ତଥା କ୍ଷୁଦ୍ର ଶିଳ୍ପମାନଙ୍କରେ ନିଯୁକ୍ତି ଓ ପୁଞ୍ଜି ବିନିଯୋଗର ସମ୍ଭାବନା, ପରାମର୍ଶଦାତା ମଣ୍ଡଳୀ ଗଠନ ତଥା ଭୂମିକା ଏବଂ ଦାୟିତ୍ୱ, ବୃହତ୍ ଶିଳ୍ପାନୁଷ୍ଠାନଗୁଡ଼ିକ ସହିତ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପର ସହଯୋଗ, ଆଞ୍ଚଳିକ ବିକାଶ ଓ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପସମୂହର ବିକାଶରେ ବୃହତ୍ ଶିଳ୍ପର ଭୂମିକା, ସରକାରୀ ଯୋଜନା ଅନୁଯାୟୀ ଶିଳ୍ପାନୁଷ୍ଠାନଗୁଡ଼ିକୁ କ୍ରେଡିଟ ସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଝାସୁଗୁଡ଼ାକୁ ଓଡ଼ିଶାର ଇଣ୍ଡଷ୍ଟ୍ରିଆଲ ହବ୍ ଓ ଆଗାମୀ କୋଡ଼ିଏ ବର୍ଷକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଶିଳ୍ପର ଅଭିବୃଦ୍ଧି ସହ ଆର୍ଥିକ ଅଭିବୃଦ୍ଧିରେ ଶିଳ୍ପାନୁଷ୍ଠାନ ସମୂହର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ଏ ଦିଗରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପଗୁଡ଼ିକୁ ସାଥିରେ ନେଇ ଆଗକୁ ଚାଲିଲେ ନୂତନ ନିଯୁକ୍ତି ପାଇଁ ବାଟ ଫିଟିବ ବୋଲି ଜିଲ୍ଲାପାଳ ଆଶା ପ୍ରକଟ କରିଥିଲେ। ଜିଲ୍ଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଅରିନ୍ଦମ ପ୍ରଧାନ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଡିଷ୍ଟ୍ରିକ୍ଟ ସ୍ମଲ ସ୍କେଲ ଇଣ୍ଡଷ୍ଟ୍ରି ଆସୋସିଏସନର ସଭାପତି ବିକାଶ ସୁଲତାନିଆ ଜିଲ୍ଲାରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଟିଆରଏଲ୍ କ୍ରୋସାକି କାର୍ଯ୍ୟନିର୍ବାହୀ ଉପସଭାପତି ଡ.ତାରାପଦ ଦାଶ, ବେଦାନ୍ତ ଚିଫ କମର୍ସିଆଲ ଅଫିସର ସୁନୀଲ ଗୋଏଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏମ୍‌ସିଏଲ୍, ଓପିଜିସି ଓ ଆଦିତ୍ୟ ବିର୍ଲାର ସାଧାରଣ ପରିଚାଳକ ଓ ଓଡ଼ିଶା ମେଟାଲିକ୍ସର ଉପସଭାପତିଙ୍କ ସମେତ ଜିଲ୍ଲାର ବିଭିନ୍ନ ବୃହତ୍, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପାନୁଷ୍ଠାନର ପଦାଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ପ୍ରବାସୀ ଭାରତୀୟ ଦିବସ

ଦେବଗଡ଼, ୭।୧(ସମିସ): ସମଗ୍ର ଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ସ୍ଥାନୀୟ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ୧୮ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶକୁନ୍ତଳା ଟେଟେଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ଯୋଗଦେଇଥିଲେ। ଚଳିତ ବର୍ଷ ୧୮ତମ ପ୍ରବାସୀ ଭାରତୀୟ ଦିବସ ଆମ ରାଜ୍ୟରେ ଅନୁଷ୍ଠିତ ହେଉଥିବାରୁ ଆମେ ଗର୍ବିତ ହେବାସହ ଏହା ସର୍ବଭାରତସ୍ତରରେ ସ୍ମରଣୀୟ ହୋଇ ରହିବ ବୋଲି ସେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ ମଞ୍ଚାସିନ ଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଈଶ୍ୱରଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ମିହିର ଦେହୁରୀଙ୍କ ତତ୍ତ୍ୱାବଧାନରେ ତିଳେଇବଣି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶୈକ୍ଷିକ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ ମଞ୍ଚ ସଂଯୋଜନା ଓ ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡ଼େଇ ଧନ୍ୟବାଦ ପ୍ରଦାନ କରିଥିଲେ। ତିନୋଟି ବ୍ଲକରୁ ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଚୟନ ହୋଇଆସିଥିବା ୪୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ବୁଢାପାଳ ମହାବିଦ୍ୟାଳୟ ଅଧ୍ୟାପକ ଡ. ଭାରତ ଭୂଷଣ ନନ୍ଦ, ଦେବଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ପ୍ରଦୀପ ପାତ୍ର, ପିଣ୍ଟୁ ବେହେରା, ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଯୋଗଦେଇଥିବା ବେଳେ ପ୍ରଧାନଶିକ୍ଷକ ଈଶ୍ୱରଚନ୍ଦ୍ର ସାହୁ, ଶୈକ୍ଷିକ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ, ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା, ନମିତା ନନ୍ଦ, ସ୍ମିତାରାଣୀ ପ୍ରଧାନ, ଭାଗ୍ୟଶ୍ରୀ ଗିରି, ଅନ୍ନଦା ମଞ୍ଜରୀ ସାହୁ, ସତ୍ୟପ୍ରକାଶ ମିଶ୍ର, ରାମକୃଷ୍ଣ ସାହୁ, ସୌମିତ୍ରୀ ମହାପାତ୍ର, ଭବାନୀକାନ୍ତ ପ୍ରଧାନ ଓ ଫକୀର ମୋହନ ପ୍ରଧାନ ସହଯୋଗ କରିଥିଲେ।

**ଝାରସୁଗୁଡ଼ା:** ଝାରସୁଗୁଡ଼ା ଜିଲ୍ଲା ସରବାହାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ ଅବସରରେ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଶିକ୍ଷା ଜିଲ୍ଲା ଅଧିକାରୀ ସୁଶାନ୍ତ ଘୁଟା, ସମ୍ମାନିତ ଅତିଥି ଭାବରେ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତନ୍ମୟୀ ଶୁଭଶ୍ରୀ ପିଙ୍ଗ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁଶାନ୍ତ ହୋତା ଓ ଅଜୟ ପାଟଜୋଶୀ ଯୋଗଦେଇଥିଲେ। ଝାରସୁଗୁଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଥମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ପୋଷ୍ଟର, କୁଇଜ ଓ ସାଇକଲ ଚାଳନା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସିଆରସିସି ରାମକୃଷ୍ଣ ପୁରୋହିତ, ତରୁଣ ମୁଣ୍ଡା, ଅଶୋକ ଜାୟାଲ, ଚେମାନନ୍ଦ ଦିହିରିଆ, ଶିକ୍ଷକ ତାପସ ମିଶ୍ର, ଅକ୍ଷୟ ପତି, ଏମ.ଶ୍ରୀନିବାସ ରାଓ, ରବି ପୂଜାରୀ, ନେହା ଅଗ୍ରୱାଲ, ଦେବାର୍ଚ୍ଚନ ବେହେରା, ଅଳକା ପଟେଲ, ଅରୁଣ ଭୋଇ ଓ କୃଷ୍ଣଚନ୍ଦ୍ର ମେହେର ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁ ମନ୍ଦିରର କନିଷ୍ଠ ବିଭାଗର କ୍ରୀଡ଼ା ସମାରୋହ



ଝାରସୁଗୁଡ଼ା, ୭ ।୧(ସମିସ): ଜଗନ୍ନାଥ ନଗର ଶିଶୁମନ୍ଦିର ପରିସର ମଧ୍ୟରେ ଦ୍ୱାବିଂଶତମ ଖେଳକୁଦ ସମାରୋହର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଛି। ଏହି ପର୍ଯ୍ୟାୟରେ ଶିଶୁ ବାଟିକା ବିଭାଗର ୯୦ ଜଣ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ୧୦୨ ଜଣ ମୋଟ ୧୯୨ ଶିଶୁ ଭାଗ ନେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ଗିରି ଉଦ୍‌ଘାଟନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ଅରୁଣ କୁମାର ସାହୁ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଉଡ଼ର ରେସ୍, ବାଟି ଚାମଚ୍, ବେଙ୍ଗ ଡିଆଁ, ବୋତଲରେ ରଙ୍ଗିନ ପାଣି ଭରିବା, ୫୦ମି.ଦୌଡ଼, ମ୍ୟୁଜିକ ଚେୟାର ଇତ୍ୟାଦି ଖେଳ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କର୍ମକର୍ତ୍ତା ଯୁଧିଷ୍ଠିର ବେହେରା, ଲକ୍ଷ୍ମଣ ଦେହୁରି, ସମ୍ମାନିତ ଅତିଥି ଭାବେ କୋଷାଧକ୍ଷ ଯଶୋବନ୍ତ ପାଲ, ଆଦିତ୍ୟ କୁମାର ସିଂଦେଓ, ସଦସ୍ୟା ମଞ୍ଜୁଲତା ଭୂମିଜ୍ ଯୋଗ ଦେଇଥିଲେ। ସୁନୀଲ ସେଠ ଗୁରୁଜୀ ବୃତ୍ତ କଥନ କରିଥିବା ବେଳେ ପରିଚାଳନା ଶିଶୁ ବାଟିକା ପ୍ରମୁଖ ରୋଜାଲି ହୋତା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଦ୍ୱିତୀୟ ଶ୍ରେଣୀର ଭାଇ ଅଙ୍କୁଶ ସା ଓ ଯୁବରାଜ ଭଇଁସା ଶ୍ରେଷ୍ଠ କ୍ରୀଡ଼ାବିତ ହୋଇଥିଲେ। ଅଭିନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କ୍ରାପ୍ ସାମଗ୍ରୀ ଜବତ; ଜଣେ ଗିରଫ

ଝାରସୁଗୁଡ଼ା, ୭।୧(ସମିସ): ସ୍କ୍ରାପ ସାମଗ୍ରୀ ଚୋରା ଚଲାଣ ବେଳେ କୁହାକୁଣ୍ଡାରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି ରେଙ୍ଗାଲି ପୁଲିସ। ଗିରଫ ଅଭିଯୁକ୍ତ ଜଣକ ଝାରସୁଗୁଡା ଜିଲ୍ଲା ଝାରୁପଡ଼ା ଗ୍ରାମର ବିଶିକେସନ ସତନାମି (୫୦) ବୋଲି ପୁଲିସ ସୂଚନା ଦେଇଛି। ସୂଚନାନୁଯାୟୀ, ବିସିକେଶନ ନିଜ ଭ୍ୟାନ୍‌ରେ ସ୍କ୍ରାପ ସାମଗ୍ରୀ ନେଇ ଝାରୁପଡ଼ାରୁ ଛତିଶଗଡ଼କୁ ଚଲାଣ କରୁଥିଲେ। ସ୍କ୍ରାପ ସାମଗ୍ରୀ ଚୋରା ଚଲାଣ ନେଇ ପୁଲିସକୁ ସୂଚନା ମିଳିବା ପରେ ରେଙ୍ଗାଲି ପୁଲିସ ଚଢ଼ଉ କରିଥିଲା। କୁହାକୁଣ୍ଡା ନିକଟରେ ସ୍କ୍ରାପ ବୋଝେଇ ଭ୍ୟାନ୍‌କୁ ଜବତ କରିବାସହ ଗାଡ଼ି ଭିତରୁ ୧୩୧୦ କେଜି ସ୍କ୍ରାପ୍ ସାମଗ୍ରୀ ଜବତ କରିଥିଲା। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବାସହ ବିଶିକେସନକୁ ଗିରଫ କରି କୋର୍ଟଚାଲାଣ କରିଥିବା ରେଙ୍ଗାଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଲାଗି ପ୍ରସ୍ତୁତି

ଦେବଗଡ଼, ୭।୧(ସମିସ):




ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଗାମୀ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୨୬ ତାରିଖ ସକାଳ ୪ଟା ୩୦ ମିନିଟ ସମୟରେ ରାମ ଧୁନ, ସକାଳ ୭ଟା ସମୟରେ ପ୍ରଭାତ ଫେରି, ସକାଳ ୭ଟାରୁ ୭ଟା ୩୦ ମିନିଟ ସମୟ ମଧ୍ୟରେ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ ଏବଂ ୮ଟା ୩୦ ମିନିଟ ସମୟରେ ଆନୁଷ୍ଠାନିକ ଭାବେ ଇନ୍ଦିରାଗାନ୍ଧି ଷ୍ଟାଡିୟମରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ଚତୁର୍ଥ ଆଇଆରବି ବାଟାଲିୟନ, ପୁଲିସ ବ୍ୟାଣ୍ଡ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଟ୍ରୁପଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ ଜାତୀୟ ସଂଗୀତ ବାଦନ କରାଯିବ। ବିଭିନ୍ନ ସ୍କୁଲ୍‌ର ଛାତ୍ରଛାତ୍ରୀ ଓ ଅନୁଷ୍ଠାନର ପରେଡ୍ ପୂର୍ବାଭ୍ୟାସ ପାଇଁ ଜାନୁଆରୀ ୨୨ରୁ ୨୪ ତାରିଖ ତିନିଦିନ ରିଜର୍ଭ ପୁଲିସ୍ ଇନ୍ସପେକ୍ଟର ଓ ମହାବିଦ୍ୟାଳୟ ଏନସିସି ଅଧିକାରୀଙ୍କ ପରେଡ୍ ପୂର୍ବାଭ୍ୟାସ ସକାଳ ୮ ଟାରେ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ କରାଯିବ। ସେହିପରି ପ୍ରାଥମିକ, ମଧ୍ୟ-ଇଂରାଜୀ, ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାନୁଆରୀ ୧୫ ତାରିଖରେ ଓଡ଼ିଆ ବକ୍ତୃତା ଓ ଇଂରାଜୀ ବକ୍ତୃତା, ୧୬ ତାରିଖ ଓଡ଼ିଆ ଦେଶାତ୍ମକ ସଙ୍ଗୀତ ପ୍ରତିଯୋଗିତା, ୧୭ ତାରିଖ ଚିତ୍ରାଙ୍କନ ପ୍ରତିଯୋଗିତା, ୧୮ ତାରିଖ ଜଣା ଅଜଣା ପ୍ରତିଯୋଗିତା, ୧୯ ତାରିଖ ରଙ୍ଗୋଲି ଓ କୌତୁକ ପ୍ରତିଯୋଗିତା, ୨୦ ତାରିଖ ଦଳଗତ ଅଭିନୟ ଆୟୋଜିତ ହେଉ। ସାଧାରଣତନ୍ତ୍ର ଦିବସରେ କୃତୀ ପ୍ରତିଯୋଗିଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ପରେଡ୍ ପଡ଼ିଆରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟଗୁଡ଼ିକୁ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସାଂସ୍କୃତିକ ଦଳକୁ ବାଛି ନାମ ପଠାଇବେ। ବିଭିନ୍ନ ଅନୁଷ୍ଠାନ ଓ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନୀ ହେବ। ଶେଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଓ ଉପକାରାଗାରରେ ଥିବା ଅନ୍ତେବାସୀଙ୍କ ଫଳ ଓ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ବୈଠକରେ ପୌରପରିଷଦ ଅଧକ୍ଷା ଶାନ୍ତିମଞ୍ଜରୀ ଦେଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପରଦାର, ଉପ ଜିଲ୍ଲାପାଳ ପରୀକ୍ଷୀତ ସାହୁ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ ଓ ସାମ୍ବାଦିକ, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ |
|---|---|---|---|
| ବିଜ୍ଞାପନ ସଂ. CRPD/SCO/2024-25/21 | | | |
| 1 | ଡେପୁଟି ମ୍ୟାନେଜର (ଆର୍କାଇଭିଷ୍ଟ) | 1 | ଏମଏମଜିଏସ୍ II |
| ବିଜ୍ଞାପନ ସଂ. CRPD/SCO/2024-25/26 | | | |
| 1 | ଟ୍ରେଡ଼ ଫାଇନାନ୍ସ ଅଧିକାରୀ | 150 | ଏମଏମଜିଏସ୍ II |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 03.01.2025 ରୁ 23.01.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 03.01.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

! ନିଯୁକ୍ତି ! ! ନିଯୁକ୍ତି ! ! ନିଯୁକ୍ତି !




୧୦୮
EMRI GREEN HEALTH SERVICES
ନିଯୁକ୍ତି ସୁଯୋଗ
୧୦୮ ଆମ୍ବୁଲାନ୍ସ ସେବା
ଡ୍ରାଇଭର ଏବଂ ଇ.ଏମ୍.ଟି ଆବଶ୍ୟକ (କେବଳ ପୁରୁଷ)

| | ଡ୍ରାଇଭର୍ | ଜରୁରୀ ଡାକ୍ତରୀ ସହକର୍ମୀ (ଇ.ଏମ୍.ଟି) |
|---|---|---|
| ଯୋଗ୍ୟତା | ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏଲ୍‌ଏମ୍‌ଭି (କମର୍ସିଆଲ) ଏବଂ ବ୍ୟାଜ୍ ଲାଇସେନ୍ସ, ୮ମ ପାସ୍ କିମ୍ବା ତଦୁର୍ଦ୍ଧ ହେବା ଦରକାର | ବି.ଫାର୍ମା/ଡି.ଫାର୍ମା/ଜି.ଏନ୍.ଏମ୍/ ବି.ଏସ୍.ସି (ନର୍ସିଂ) ଏବଂ +୨ ବିଜ୍ଞାନ (ଅନ୍ୟୂନ ୫୦% ମାର୍କ ଥିବା ଆବଶ୍ୟକ) |

ଇଚ୍ଛୁକ ପ୍ରାର୍ଥୀ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାକ୍ଷାତକାର କରନ୍ତୁ।

| | |
|---|---|
| ଅଫିସ୍ ଠିକଣା | ୭ମ ମହଲା, ଇଡ୍‌କୋ ଟାୱାର, ସହିଦନଗର, ରୂପାଲି ଛକ ପାଖ, ଭୁବନେଶ୍ୱର, ଓଡିଶା |
| ଫୋନ୍ ନମ୍ବର | ୦୬୭୪-୬୭୧୭୫୭୦୦ |
| ତାରିଖ | ୨ ଜାନୁୟାରୀ ୨୦୨୫ ରୁ ୧୮ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ |
| ସମୟ | ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ |

ଏହି ଚୟନ ପ୍ରକ୍ରିୟାରେ କୌଣସି ଏଜେନ୍ସିକୁ ନିଯୋଜିତ କରାଯାଇନାହିଁ। ଦଲାଲ ଓ ଏଜେଣ୍ଟଙ୍କ ପ୍ରତି ସାବଧାନ ରୁହନ୍ତୁ।

# ‘ଆଇ ଲଭ୍ ବରଗଡ଼’ ପ୍ରତି କାହାର ଦୃଷ୍ଟିନାହିଁ

■ କେବେଠାରୁ ଲିଭିଗଲାଣି ଲାଇଟ୍
■ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡ଼ିଲା

**ବରଗଡ଼,୭ ।୧( ସମିସ):**

ପୂର୍ବ ସରକାରଙ୍କ ସମୟରେ ‘ଆଇ ଲଭ୍ ବରଗଡ଼’ ନିର୍ମିତ ହୋଇ ଲୋକମାନଙ୍କ ପାଇଁ ଏକ ସେଲଫି ପଏଣ୍ଟ ସାଜିଥିଲା । ହେଲେ ବିଗତ ୬ ମାସ ହେବ ସେଠାରେ ଥିବା ଗମଲା ଗୁଡ଼ିକରେ ପାଣି ଟିକେ ବି ଦିଆଯାଉନାହିଁ। ଗଛ ସବୁ ଶୁଖି ମରିବା ଉପରେ । ଧନୁଯାତ୍ରା ସମୟରେ ବରଗଡ଼ ସହରକୁ ଆସୁଥିବା ପର୍ଯ୍ୟଟକ ତଥା ଯୁବପିଢ଼ିଙ୍କ ପାଇଁ ସେଲଫି ପଏଣ୍ଟ ହୋଇଥିଲା। ସମସ୍ତେ ନିଜର ଗୋଟେ ବରଗଡ଼ର ସ୍ମୃତିଟିଏ ରଖିବା ପାଇଁ ସେଲଫି ନେଉଥିଲେ । ହେଲେ ସରକାର ପରିବର୍ତ୍ତନ ହେଲା ପରେ ସତେ ଯେପରି ଏହା ଅଲୋଡ଼ା ହୋଇପଡ଼ିଛି । ଧନୁଯାତ୍ରା ଲାଗି ସହରକୁ ସଜେଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, ହେଲେ ଏହି ଜାଗା ଉପରେ କାହାରି ଟିକେ ପଡୁନି। ‘ଆଇ ଲଭ୍ ବରଗଡ଼’ ଲେଖାହୋଇଥିବା ଲାଇଟ୍ କେବେ




ଠୁଁ ଲିଭିଗଲାଣି। ଏହି ରାସ୍ତା ଦେଇ ସବୁବେଳେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ତଥା ସଚେତନ ନାଗରିକ ଯିବା ଆସିବା କରୁଥିଲେ ବି କାହାରି ଟିକେ ନଜର ନ ପଡ଼ିବା ଦୁଃଖର ବିଷୟ। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ନିର୍ମିତ ହୋଇଥିବା ଏହି ସେଲ୍ଫି ପଏଣ୍ଟ ଏବେ ଗାଡ଼ି ପାର୍କିଂ ଜାଗା ହୋଇଛି । ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ଦୃଷ୍ଟିଦେଇ ଏହାର ସୁରକ୍ଷା କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଜିଲ୍ଲାସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା



**ବରଗଡ଼, ୭ ।୧(ସମିସ):** ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ ବରଗଡ଼ଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଉଦ୍ୟାନକୃଷି କର୍ମଶାଳା ଏବଂ ତେଲ ତାଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ବରଗଡ଼ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏବଂ ଉଦ୍ୟାନ ସମ୍ପ୍ରସାରଣ କର୍ମୀ ଇପ୍ସିତା ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ସାଂସଦ ପ୍ରଦୀପ କୁମାର ପୁରୋହିତ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରସନ୍ନ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ର ବିଶେଷଜ୍ଞ ଡ. ରାହୁଲଦେବ ବେହେରା ଚାଷୀଙ୍କୁ ବୁଝାଇଥିଲେ । ସଙ୍କେଶ୍ୱର ମହାନ୍ତି ତେଲ ତାଳ ବିଶେଷଜ୍ଞ ଭାବରେ ଯୋଗଦେଇ ଚାଷୀଙ୍କୁ ତେଲ ତାଳ ଚାଷ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ଚାଷୀ ଯୋଗ ଦେଇଥିଲେ। ଶେଷରେ ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ପଦ୍ମପୁର ଗୋବିନ୍ଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନା ଟେଣ୍ଡରରେ ଜାଗା ଆବଣ୍ଟନ କାହା ସ୍ୱାର୍ଥରେ

● ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ବରଗଡ଼ ,୭ ।୧(ସମିସ):** ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଚାଲିଥିବା ବେଳେ ଜର୍ଜ ହାଇସ୍କୁଲ ପଡ଼ିଆରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ସରକାରୀ ସଂସ୍ଥା ପାଇଁ ଉଦ୍ଦିଷ୍ଟ ଜାଗାକୁ ବିନା କୌଣସି ଟେଣ୍ଡରରେ ବ୍ୟବସାୟିକ ଉଦ୍ଦେଶ୍ୟରେ ବଣ୍ଟନ କରାଯାଉଛି। ସେଇ ସ୍ଥାନରେ ଅହେତୁକ ଦରରେ ଟିକଟ କରାଯାଇ ଲୋକଙ୍କଠାରୁ ରେଟରୁ ଅଧିକା ଟଙ୍କା ନିଆଯାଉଥିବା ଓ ଯାତ୍ରାରେ ଜନତାଙ୍କ ପାଇଁ ଶୌଚାଳୟ, ପିଇବା ପାଣିର ଅବ୍ୟବସ୍ଥା ଲାଗି ରହିଥିବା ଅଭିଯୋଗ କରିଛି ସଚେତନ ନାଗରିକ ମଞ୍ଚ ବରଗଡ଼। ଏହାର ସମାଧାନ ନିମନ୍ତେ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେବା ସହ ତୁରନ୍ତ ହସ୍ତକ୍ଷେପ କରିବାକୁ କୁହାଯାଇଛି। ଏଥିରେ ଭବାନୀ ସାହୁ,



ଟଙ୍କା ଅସୁଲ କରାଯାଉଛି, ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉ ଥିବା ଅଭିଯୋଗ କରିଛି ସଚେତନ ନାଗରିକ ମଞ୍ଚ। ସେହିପରି ମୀନାବଜାରରେ ଝୁଲା, ଦୋଳିର ଧାର୍ଯ୍ୟ ଆଇନଜୀବୀ ଭୀଷ୍ମଦେବ ସରାଫ, ନିଖିଳ ପାଣିଗ୍ରାହୀ,କିଶୋର ସାହୁ, ମନୋହର ପ୍ରଧାନ, ଶୟନ ପଣ୍ଡା, ସୁଦାମ ସାହୁ, ଗଙ୍ଗା ପୂଝାରୀ, ଗୋବିନ୍ଦ ଶର୍ମା, ଜିଭି ରାଓ, ଲାଲା ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

# ଡଭାରେ ଗଣ୍ଡା ସମାଜର ବୈଠକ



**ବରଗଡ଼ ୭ ।୧(ସମିସ):** ଝାରବନ୍ଧ ବ୍ଲକ ଲକ୍ଷେଘର ଗଣ୍ଡା ସମାଜର ମାସିକ ବୈଠକ ଡଭାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ସଭାପତି ଭୋଜରାଜ ବାଗ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଡଭା ଗ୍ରାମପଞ୍ଚାୟତ ସ୍ତରୀୟ କମିଟି ଗଠନ ହୋଇଥିଲା । ସଭାପତି ଭାବେ ନାରାୟଣ ଭରାସାଗର, ଉପସଭାପତି ଡୋରିଲାଲ କଲେତ, ସମ୍ପାଦକ ଯୋଗେନ୍ଦ୍ର ବାଗ, ସହସମ୍ପାଦକ ଶଙ୍କର ମହାନନ୍ଦ, କୋଷାଧ୍ୟକ୍ଷ କୈଳାସ ଛତର, କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ କଲେତ, ଉଦ୍ଧବ ଭରାସାଗର, ଟିକେଶ୍ୱର କଲେତ, ଆଶିଷ ଜଗତ, ରୋହିଦାସ କଲେତ, ଭୁବନେଶ୍ୱର ଭରାସାଗର ମନୋନୀତ ହୋଇଥିଲେ। ଝାରବନ୍ଧ ବ୍ଲକ ଲକ୍ଷେଘର ଗଣ୍ଡା ସମାଜର ଚପରାସି ଭାବେ ଭାଗିରଥି ନାଗଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ବ୍ଲକ କମିଟିର ସମ୍ପାଦକ ରସିକ କୁମ୍ଭାର, ସହସମ୍ପାଦକ ତଥା ମିଡ଼ିଆ ପ୍ରଭାରୀ ମୋତିଲାଲ ବାଗ, ସଂଯୋଜକ ସାମନ୍ତ ଶେଖର ମୁନାଙ୍କ ସହିତ କାର୍ଯ୍ୟକାରୀ ସଦସ୍ୟ ଜିଲାନୀ ଦୀପ, ଗୁପେତ ରାମ ଶିକା, ବିପିନ କୁମ୍ଭାର, କୈଳାସ ଛତର,ଅଙ୍ଗଦ ମୁଁଗୁରି,ରାଜେନ୍ଦ୍ର ଛତ୍ରେ, ହେମସାଗର ବାଗ, ଖୁସରାମ କୁମ୍ଭାର, ଧନେଶ୍ୱର ଲୁହାର, ପ୍ୟାରିଲାଲ କଲେତ, ମଧୁ ହରିପାଲ ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ଉପଦେଷ୍ଟା କମିଟିର ଭରତ ମହାନନ୍ଦ, ଚନ୍ଦ୍ରମଣି ସୁନା ଯୋଗଦେଇଥିଲେ।

# ଉମା ମାହେଶ୍ୱରୀ ଓ ମା’ ଖମ୍ବେଶ୍ୱରୀଙ୍କ ବନଜାଗ ଯାତ୍ରା

**ବରଗଡ଼,୭ ।୧(ସମିସ):** ସୋମବାର ଡୁମାଲ ସମାଜର ଅଧିଷ୍ଠାତ୍ରୀ ଦେବୀ କୁରୁଆଁସ୍ଥିତ ସର୍ବପୁରାତନ ଉମା ମାହେଶ୍ୱରୀ ପୀଠର ମା’ ମାହେଶ୍ୱରୀ ଓ ମା’ ଖମ୍ବେଶ୍ୱରୀଙ୍କ ନବକଳେବର ପାଇଁ ନୂତନ ଶାଳକା ଓ ନୂତନ ଖମ୍ବ ସନ୍ଧାନ ଉଦ୍ଦେଶ୍ୟରେ ଲହଣ୍ଡା ଗାଁକୁ ସେବାୟତବୃନ୍ଦଙ୍କ ସହ ବାହାରିଥିବା ମା’ ମାହେଶ୍ୱରୀଙ୍କ ଶୋଭାଯାତ୍ରା ଅତାବିରା ବ୍ଲକର ଖଲିଆପାଲି, ଅତାବିରା ସହର ଦେଇ ଖଇରପାଲି ଗାଁକୁ ପ୍ରବେଶ କରିଥିଲେ । ମଙ୍ଗଳବାର କର୍ମୀଟିକ୍ରା ଠାରେ ଡୁମାଲ ଜାତିଭାଇ ଓ ଗ୍ରାମବାସୀଙ୍କ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ମା’ ମାହେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ରାଜ୍ୟ ଡୁମାଲ ପରିଷଦର ସଭାପତି ଦୟାସାଗର ମେଣ୍ଡଲୀ,ବରଗଡ଼ ଜିଲ୍ଲା ଡୁମାଲ



ପରିଷଦର ସଭାପତି ଗଣେଶ ପ୍ରଧାନ, ସମ୍ପାଦକ ସୁବାସ ଥାଟି,ସରଲା କେନ୍ଦ୍ର ସଭାପତି କରମଚାନ୍ଦ ପ୍ରଧାନ,ଗୁନିଆପାଲି କେନ୍ଦ୍ର ସଭାପତି ମଗନ ଖମାରୀ,ଗମ୍ଭାରୀପାଲି ଆଞ୍ଚଳିକ ମାହେଶ୍ୱରୀ ମନ୍ଦିରର ପୂଜକ ସନ୍ତୋଷ ମହାକୁର, ଦିଲୀପ ମହାକୁର, ଜଗବନ୍ଧୁ କଲତା ଓ ଆଖ ପାଖ ଅଂଚଳର ଜାତିଗଙ୍ଗୀ ଉପସ୍ଥିତ ରହି ମା’ଙ୍କ ଆଶୀର୍ବାଦ ଲାଭ କରିଥିଲେ । ବୁଧବାର ବନଯାଗ ଶୋଭାଯାତ୍ରା ଲହଣ୍ଡା ପହଞ୍ଚି ସ୍ୱପ୍ନାଦେଶରେ ମା’ ମାହେଶ୍ୱରୀଙ୍କ ନୂତନ ଶାଳକା ବାଡ଼ି ପାଇଁ ମହୁଲ ବୃକ୍ଷ ଓ ମା’ ଖମ୍ବେଶ୍ୱରୀଙ୍କ ନୂତନ ଖୁଣ୍ଟ ନିର୍ମାଣ ପାଇଁ ରୁହେନ ବୃକ୍ଷକୁ ପୂଜାର୍ଚ୍ଚନା କରାଯାଇ କଟାଯିବ ଓ ପୁଣି ଉଭୟ ବୃକ୍ଷକୁ ବିରାଟ ଶୋଭାଯାତ୍ରାରେ ଉମା ମାହେଶ୍ୱରୀ ମନ୍ଦିର, କୁରୁଆଁକୁ ନିଆଯିବ।

# ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର

**ବରଗଡ଼ ,୭ ।୧(ସମିସ):** ବରଗଡ଼ ସହରରେ ଚାରିଆଡ଼େ ଧନୁଯାତ୍ରା ପାଇଁ ଲୋକ ଗହଳି ଲାଗିରହିଥିବା ବେଳେ ଜଣେ ଅଜଣା ମହିଳାଙ୍କ ଶବ ମିଳିଛି । ତାଙ୍କ ବୟସ ପାଖାପାଖି ୫୦ ହେବ । ଭଟଲି ଛକ ସ୍ଥିତ ମହିନ୍ଦ୍ରା ସୋ ରୁମ୍ ପାଖରେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି । ମହିଳାଙ୍କ କୌଣସି ପରିଚୟ ନ ମିଳିବାରୁ ବରଗଡ଼ ମୁଖ୍ୟ ଚିକିତ୍ସାଳୟ ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ପୁଲିସ ପ୍ରଶାସନ ପକ୍ଷରୁ ଏନେଇ ସବୁଆଡ଼େ ସୂଚନା ଦିଆଯାଇଛି ।

# ଆତ୍ମସୁରକ୍ଷା ତାଲିମ ଶିବିର

**ପଦ୍ମପୁର, ୭।୧ (ସମିସ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର କଲେଜ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରୋଗ୍ରାମ ଅଧିକାରୀ ବୁନି ସାହୁ , ଅଧ୍ୟାପିକା ଝୁନୁ ପରିଡ଼ା ଛାତ୍ରୀଙ୍କୁ ଯୌନ ନିର୍ଯାତନା ସମ୍ପର୍କରେ ସଚେତନ କରାଇଥିଲେ। ଅଧ୍ୟାପିକା ଶର୍ମିଳା ପଣ୍ଡା ଓ ସରୋଜ ନାଏକ ଆତ୍ମ ସୁରକ୍ଷାର ଆବଶ୍ୟକତା ଉପରେ କହିଥିଲେ । ଅଧ୍ୟାପିକା ପୂର୍ଣ୍ଣିମା ଦୋରା, ସୁରେଶ୍ୱରୀ ପାଣ୍ଡେ,ପ୍ରଶିକ୍ଷୀକା ନମ୍ରତା ତାଣ୍ଡି,ସୁନିତି ମହାପାତ୍ର ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ ।

# ବନ୍ୟପ୍ରାଣୀ ଓ ଜଙ୍ଗଲ ନିଆଁ ସଚେତନତା ସଭା

**ମାଣ୍ଡୋସିଲ,୭ ।୧(ସମିସ):** ପାଇକମାଳ ବ୍ଲକ ବରତୁଣ୍ଡା ପଞ୍ଚାୟତ ଭୂଇଁଖାର ଗାଁରେ ଜାମସେଠ ସେକ୍ସନ ପକ୍ଷରୁ ବିଜୟ ସିଂ ଭୋଇଙ୍କ ସଭାପତିତ୍ୱରେ ବନ୍ୟପ୍ରାଣୀ ଓ ଜଙ୍ଗଲ ନିଆଁ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଚେତନତା ସଭାରେ ଜାମସେଠ ସେକ୍ସନ ଫରେଷ୍ଟର ରମେଶ କୁମାର ପ୍ରଧାନ, ଫରେଷ୍ଟ ଗାର୍ଡ ଦୀପକ କୁମାର ନାଏକ ସମେତ ଭୂଇଁଖାର ଗ୍ରାମବାସୀ ସଚେତନତା ସଭାରେ ଉପସ୍ଥିତ ଥିଲେ।

# ଫେବୃଆରୀ ୧୬ରେ ଜର୍ଜ ହାଇସ୍କୁଲ ମାଟ୍ରିକ୍ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ



**ବରଗଡ଼,୭ ।୧(ସମିସ):** ସୋମବାର ସ୍ଥାନୀୟ ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସତ୍ୟ ନାରାୟଣ ପଣ୍ଡାଙ୍କ ଆବାହକତ୍ୱରେ ଏବଂ ଗୋବିନ୍ଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରଗଡ଼ର ସର୍ବପୁରାତନ ବିଦ୍ୟାଳୟ ଜର୍ଜ ହାଇସ୍କୁଲ ୧୯୭୫ ମାଟ୍ରିକ୍ ବ୍ୟାଚର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ଫେବୃଆରୀ ୧୬ରେ ବରଗଡ଼ ଉପକଣ୍ଠ ବରାହଗୁଡ଼ା ନିକଟସ୍ଥ ଲା ଫ୍ଲୋରା ପ୍ରାକୃତିକ ଉଦ୍ୟାନରେ ପାଳନ କରାଯିବ ବୋଲି ସଦସ୍ୟମାନେ ମତାମତ ପ୍ରଦାନ କରିଥିଲେ । ଏହି ଅବସରରେ କହ୍ନେଇଲାଲ ଗୁପ୍ତାଙ୍କ ଜନ୍ମଦିନ ଉପଲକ୍ଷେ ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା । ଏଥିରେ ସର୍ବଶ୍ରୀ ଦେବୀ ପଟ୍ଟନାୟକ, ଅଭୟ କୁମାର ଭୋଇ, ଲଳିତ ବିଶି, ଶତ୍ରୁଘ୍ନ ଦାଶ, ସ୍ୱାଧୀନ ମହାରଣା, ତାନସେନ ସରାଫ ପ୍ରମୁଖ ଯୋଗଦେଇଥିଲେ । ଶେଷରେ ସାମ୍ବାଦିକ ତୁଳସୀ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆନ୍ତଃଜିଲ୍ଲା ଯୁବ ନେତୃତ୍ୱ ବିକାଶ ତାଲିମ ଶିବିର

**ବରଗଡ଼,୭ ।୧(ସମିସ):** ଚଳିତବର୍ଷର ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଉପଲକ୍ଷେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼ଠାରେ ଜାତୀୟ ସେବା ଯୋଜନା ତରଫରୁ ଆନ୍ତଃଜିଲ୍ଲାସ୍ତରୀୟ ଯୁବନେତୃତ୍ୱ ବିକାଶ ତାଲିମ ଶିବିର ଆୟୋଜନ କରାଯାଇଛି । ଜାନୁଆରୀ ୭ରୁ ୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ଶିବିର କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଡକ୍ଟର ବିରେନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ନକୁଳ ସେଠଙ୍କ ସଭାପତିତ୍ୱ ଓ ସହକାରୀ ପ୍ରଫେସର ବିଜୟ ନାଗଙ୍କ ପରିଚାଳନା ଏବଂ ଯୁକ୍ତଦୁଇସ୍ତରୀୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ସହକାରୀ ପ୍ରଫେସର ହୃଦାନନ୍ଦ ଭୁଏଁଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ପ୍ରଫେସର ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର ଏବଂ ଏକାଡେମିକ୍ ମୁଖ୍ୟ ପ୍ରଫେସର ଡକ୍ଟର ବିଦ୍ୟୁତ୍ ପ୍ରଭା ମହାନ୍ତି ମଞ୍ଚାସୀନ ଥିଲେ। ହିରାକୁଦ କଲେଜ୍, ଏସ୍. ବି. ମହିଳା ଡିଗ୍ରୀ କଲେଜ୍ କମ ଗାଁ ,ଏଲ୍. ଏନ୍. କଲେଜ୍, ଝାରସୁଗୁଡ଼ା, କଟାପାଲି ଡିଗ୍ରୀ କଲେଜ୍, ମହିଳା ଡିଗ୍ରୀ କଲେଜ୍, ବରପାଲି କଲେଜ୍, ବିଜେପୁର ଡିଗ୍ରୀ କଲେଜ୍, ଲରମ୍ବା କଲେଜ୍, ଦଧିବାମନ କଲେଜ୍ ଭଟଲି, ବରଗଡ଼ର ଟ୍ରଷ୍ଟ ଫଣ୍ଡ୍ କଲେଜ୍ , ବିକାଶ ଡିଗ୍ରୀ କଲେଜ୍ , ପଞ୍ଚାୟତ କଲେଜ୍ ଏବଂ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ, ସେମାନଙ୍କ କାର୍ଯ୍ୟକ୍ରମ ସଂଯୋଜକ ଓ ସଂଯୋଜିକା ଏହି ଶିବିର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି ।

# ରାସ୍ତାରୁ ଅସହାୟ ବୃଦ୍ଧ ଉଦ୍ଧାର

**ବିଜେପୁର, ୭।୧(ସମିସ):** ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ସାଇପାଲି ରାସ୍ତାରୁ ଜଣେ ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କରି ବିଜେପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। କୌଣସି ସୂତ୍ରରୁ ଖବର ପାଇ ବିଜେପୁର ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ ଗଡ୍ତିଆ ଓ ସାମାଜିକ କର୍ମୀ ସୁଶାନ୍ତ ସାହୁ ସାଇପାଲି ରାସ୍ତାରେ ପହଞ୍ଚି ଉକ୍ତ ବୃଦ୍ଧଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଡକାଇ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଉକ୍ତ ବୃଦ୍ଧଙ୍କ ନାମ ରାଧେଶ୍ୟାମ ମହାନନ୍ଦ ହୋଇଥିବା ବେଳେ ସେ ବରମୁଣ୍ଡା ଗ୍ରାମର ବୋଲି ଜଣାପଡ଼ିଛି। ବିଜେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ବିଶ୍ୱାଳ ଓ ଅତିରିକ୍ତ ତହସିଲଦାର ଜ୍ୟୋତିପ୍ରକାଶ ଭୋଇ ଡାକ୍ତରଖାନାରେ ପହଞ୍ଚି ଘଟଣା ସଂକ୍ରାନ୍ତରେ ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସୁଶାନ୍ତ ମେହେରଙ୍କ ତତ୍ତ୍ୱାବଧାନରେ ବୃଦ୍ଧଙ୍କ ଚିକିତ୍ସ୍ୟା କରାଯାଉଛି। ସୁସ୍ଥ ହେବା ପରେ ତାଙ୍କୁ ସମଲେଇପଦର ବୃଦ୍ଧଶ୍ରମରେ ରଖାଯିବ ବୋଲି ଜଣାଯାଇଛି।

# ବ୍ୟବସାୟୀ ଓ ମିଲ୍ ଏଜେଣ୍ଟଙ୍କ ମର୍ଜିରେ ଚାଲିଛି ମଣ୍ଡି

ଚାଷୀ ଶୋଷଣର ଶିକାର

**ପଦ୍ମପୁର,୭।୧ (ସମିସ):**

ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକର ବିଭିନ୍ନ ମଣ୍ଡି ବ୍ୟବସ୍ଥା ବ୍ୟବସାୟୀ ଓ ମିଲର୍ସ ଏଜେଣ୍ଟଙ୍କ ମର୍ଜିରେ ଚାଲିଛି। ନଭେମ୍ବର ୨୦ରୁ ଧାନମଣ୍ଡି ଖୋଲାଯାଇ ଧାନ କିଣା ଆରମ୍ଭ ହୋଇଛି । ଧାନକ୍ରୟ ନୀତି ଅନୁସାରେ ଚାଷୀ ମଣ୍ଡିକୁ ଧାନ ଆଣିବା ପରେ ଆରଏମସି ଏହାର ମାନ ଯାଞ୍ଚ କରିବ, ଧାନ ଏଫଏକ୍ୟୁ ମାନ ଥିଲେ, କ୍ରୟ ଦାୟିତ୍ୱରେ ଥିବା ସଂସ୍ଥା ଧାନ କିଣିବ। ମାତ୍ର ଡଭା ସେବା ସମବାୟ ଅଧୀନରେ ଥିବା ଛୋଟଅନକି ମଣ୍ଡିରେ ବ୍ୟତିକ୍ରମ ଦେଖାଦେଇଛି । ଏଠାରେ ବ୍ୟବସାୟୀ ଏବଂ ମିଲର୍ସ ଏଜେଣ୍ଟଙ୍କ ନିୟମ ଅନୁଯାୟୀ ଧାନକିଣା ହେଉଛି । ମଣ୍ଡିକୁ ଧାନ ଆସିଲେ ଏହାର ମାନ ଯାଞ୍ଚ ହେଉନାହିଁ ବରଂ ଚାଷୀ ସହିତ ମୂଲଚାଲ କରି ଧାନକୁ ସିଧାସଳଖ ମିଲକୁ ପଠାଇ ଦେଉଛନ୍ତି। ଏହି ବେଆଇନ କାମକୁ ବିରୋଧ କରିବା ପରିବର୍ତ୍ତେ ଏହାକୁ ଖୋଲାଖୋଲି ସମର୍ଥନ କରି ବ୍ୟବସାୟୀ ଚୟନ କରିଥିବା ଧାନକୁ ନିଜ ଖାତାରେ ଏଣ୍ଟ୍ରିକରି କିଣି ମିଲକୁ ପଠାଇ ଦେଉଛନ୍ତି। ଧାନ ଚାଷୀ ଆଣିଲେ ଏଫଏକ୍ୟୁ ମାନର ନ ଥିଲେ ସୁଦ୍ଧା ମିଲର ଚାହିଁଲେ ଏଜେଣ୍ଟ ମଣ୍ଡିରେ ହିଁ ସଙ୍ଗେ ସଙ୍ଗେ ଏଫଏକ୍ୟୁ ମାନର ହୋଇଯାଉଛି । ସେହି ଧାନକୁ କ୍ରୟ ସଂସ୍ଥା କିଣି ନେଉଛି । ଏତଦ ବ୍ୟତୀତ ମଣ୍ଡିକୁ ଧାନ ଆଣିବା ପାଇଁ ଶେଷ ସମୟ ଦିନ ୧୨ଟା ପର୍ଯ୍ୟନ୍ତ ରଖାଯାଇଥିବା ବେଳେ ଗାଡ଼ିଗୁଡ଼ିକୁ ମନଇଚ୍ଛା ଭାବେ ମଣ୍ଡିରେ ପ୍ରବେଶ ପାଇଁ ଅନୁମତି ଦିଆଯାଉଛି । ଏତେ ସବୁ ଅନିୟମିତତା ଭିତରେ ଧାନକିଣା ଚାଲୁଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ଯୋଗୁଁ ଚାଷୀ ଶୋଷଣର ଶିକାର ହେଉଛନ୍ତି । ମଣ୍ଡି ଭିତରେ ଏଜେଣ୍ଟ ଚାଷୀ ସହିତ ମୂଲଚାଲ କରି କ୍ୱିଣ୍ଟାଲ ପ୍ରତି ୫କେଜିରୁ ଅଧିକ କଟନି ଛଟନି କରୁଛନ୍ତି। ଏଜେଣ୍ଟ ବେପାରୀଙ୍କୁ ମଣ୍ଡିରେ ପ୍ରବେଶ ପାଇଁ ଅବାଧ ଅନୁମତି ଦିଆଯାଉଛି, ତାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ତେବେ ଧାନକିଣାକୁ ସୁବ୍ୟବସ୍ଥିତ କରି ଚାଷୀଙ୍କୁ ଶୋଷଣରୁ ରକ୍ଷାକରିବା ପାଇଁ ଦାବି ହେଉଛି ।







**ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବର ପଞ୍ଚମ ଦିବସ**

# କାଳୀୟଦଳନ ସହ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦର୍ଶନ











**ବରଗଡ଼,୭ ।୧(ସମିସ):** ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବର ପଞ୍ଚମ ଦିନରେ ବରଗଡ଼ ସହର ମଧ୍ୟକୁ ଲୋକଙ୍କ ସୁଅ ଛୁଟିଥିଲା। ଅପରାହ୍ନରେ ଗୋପପୁରରେ କୃଷ୍ଣ ବଳରାମଙ୍କ ବାଲ୍ୟଲୀଳା ଖୁବ୍ ସୁନ୍ଦର୍ ହୋଇଥିଲା। ଯମଲାର୍ଜୁନ ଭଞ୍ଜନ ପରେ କାଳୀୟ ଦଳନର ଦୃଶ୍ୟ ଲୋକମାନଙ୍କୁ ବିମୋହିତ କରିପକାଇଥିଲା। ଏହା ପରେ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦର୍ଶନ ସହ ଗୋପୀଙ୍କ ଦଧି ବିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେପଟେ ମହାରାଜ କଂସ ଆଜି ୱାର୍ଡ ନମ୍ବର ୧୬ ବ୍ରହ୍ମଚାରିକୁ ଦିଗବିଜୟ ପାଇଁ ଯାଇଥିଲେ। ବ୍ରହ୍ମଚାରିବାସୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଦେଖି ଅତ୍ୟନ୍ତ ଖୁସି ହୋଇଗଲେ। ରାଜ ଦରବାରରେ ଜରାସନ୍ଧ ସହ ଯୁଦ୍ଧ ଏବଂ ହେତି ,ପ୍ରହେତିଙ୍କ ସହ ମହାରାଜ କଂସଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଆଜି ରାଜ ଦରବାରକୁ ରାଜ ଅତିଥିଭାବରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣପ୍ରସାଦ ପାତ୍ର ଯୋଗ ଦେଇଥିଲେ। ମଥୁରାବାସୀଙ୍କୁ ଏକ ମାସର ଚାଉଳ ଅଧିକ ଦେବାକୁ ନିର୍ଦ୍ଦେଶ ଦେଇଥିଲେ କଂସ ମହାରାଜ। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଧନୁଯାତ୍ରା ମହୋତ୍ସବ ସମିତିର ସଂଯୋଜକ ସୁରେଶ୍ୱର ଶତପଥିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।





## ପଲ୍ଲିଶ୍ରୀ ମେଳାରେ ସ୍ତନ୍ୟପାନ କକ୍ଷର ସୁବିଧା



**ବରଗଡ଼,୭। ୧(ସମିସ):** ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଓରମାସ, ପଞ୍ଚାୟତିରାଜ ଏବଂ ପାନୀୟ ଜଳଯୋଗାଣ ବିଭାଗ, ଦ୍ୱାରା ପରିଚାଳିତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି । ମେଳାରେ ଯେଉଁ ମା'ମାନେ ତାଙ୍କ ନବଜାତ ଶିଶୁଙ୍କ ସହିତ ମେଳାର ଆନନ୍ଦ ଉଠେଇବାକୁ ଆସୁଛନ୍ତି, ମା' ଓ ଶିଶୁର ସୁବିଧା ଓ ସୁରକ୍ଷା ନିମନ୍ତେ ଓରମାସ କାର୍ଯ୍ୟାଳୟରେ ଏକ ସ୍ତନ୍ୟପାନ କକ୍ଷର ବ୍ୟବସ୍ଥା କରାଯାଇଛି । ସେଠାରେ ମା'ମାନେ ତାଙ୍କ ଶିଶୁକୁ ସ୍ତନ୍ୟପାନ କରେଇପାରିବେ । ଏହି କକ୍ଷରେ ମା'ମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ମଧ୍ୟ କରାଯାଇଛି । ମେଳା ସମୟରେ ଏହି କକ୍ଷର ବ୍ୟବସ୍ଥା ଏକ ନିଆରା ଓ ଅଭିନୟ ପ୍ରୟାସ ହେଇଥିବାରୁ ଲୋକମାନଙ୍କ ମଧ୍ୟରେ ବେଶ ଆଦୃତ୍ତ ହୋଇପାରିଛି ।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ୧୫ ଦଳ ସାମିଲ



**ବରଗଡ଼,୭।୧(ସମିସ):** ଧନୁଯାତ୍ରାର ପଞ୍ଚମ ରଜନୀରେ ରାଜ ଦରବାର ଓ ରଙ୍ଗମହଲ ତଥା ନନ୍ଦ ଦରବାର ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ମୋଟ ୧୫ଟି ଦଳ ଅଂଶଗ୍ରହଣ କରିଥିଲେ। ରଙ୍ଗମହଲ ଓ ରାଜଦରବାରରେ ଆଜି ଜଗତସିଂହପୁରର ନୁପୂର ଧ୍ୱନୀ, ମହାରାଷ୍ଟ୍ରର ଲାୱଣୀ, ମଧ୍ୟପ୍ରଦେଶର ସୁଧୁର ତିୱାରୀ ଏଣ୍ଡ ଗ୍ରୁପ, ଛତିଶଗଡ଼ର ପ୍ରେରଣା ଦିବାଙ୍ଗନ ଏଣ୍ଡ ଗ୍ରୁପ, ମଣିପୁରର ମିକି ଏଣ୍ଡ ଗ୍ରୁପ, କୋଲକାତାର ଶଙ୍କରାବରଣମ, କୋଲକାତାର ପାୟଲ ଲୋକନୃତ୍ୟ ଦଳ, ଗୁଜରାଟର ଆଲାପ ଶାହା ଏଣ୍ଡ ଗ୍ରୁପ, ଜଓ୍ବାନ କ୍ଲବ ସମ୍ବଲପୁର, ଲସ୍ତଲାର ସୂରଜମୁଖି, ହୀରାକୁଦର ସାଂସ୍କୃତିକା, ଜୟ ଭୋଏ ଏଣ୍ଡ ଗ୍ରୁପ ହୀରାଖଣ୍ଡ କଳା ପରିଷଦ, ଭବାନୀପାଟଣାର ପାଟଣାଗଡ଼, ସୁନ୍ଦରଗଡ଼ର ଝୁମର ନୃତ୍ୟ, ବଲାଙ୍ଗିରର ଘୁଙ୍ଗୁରୁ ନୃତ୍ୟଗୀତ ପରିବେଷଣ କରି ମହରାଜା କଂସଙ୍କ ମନ ମୋହିଥିଲେ । ସେହିଭଳି ଆଜି ନନ୍ଦ ଦରବାରରେ ବରଗଡ଼ର ପାନପତ୍ରୀ, ବରଗଡ଼ର ସମଲେଶ୍ୱରୀ ଗ୍ରୁପ, ବରଗଡ଼ର ପଞ୍ଚାୟା ଟିମ, ସିଂଘେନପାଲିର ଛୁମକୁଛୁମା, ଓଡ଼ିଶୀ ନୃତ୍ୟ ଦଳ କଟକ ତଥା ଛତିଶଗଡ଼ ଓ ମଧ୍ୟପ୍ରଦେଶରୁ ଆସିଥିବା ଜାତୀୟ ନୃତ୍ୟ ଦଳମାନେ ନାଚଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କମିଟିର ଆବାହକ ଗୋପାଳ କୃଷ୍ଣ ଦାଶଙ୍କ ସଂଯୋଜନାରେ ସାଂସ୍କୃତିକ କମିଟିର ସଦସ୍ୟ ସଂକଳ୍ପ ଷଡ଼ଙ୍ଗୀ ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ମୀନାବଜାରରେ ଷଣ୍ଢ; ଲୋକେ ନାକେଦମ୍



**ବରଗଡ଼,୭ ।୧(ସମିସ):** ଏବେ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହେଉଛି । ଜିଲ୍ଲା ପ୍ରଶାସନ ତଥା ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ହେଲେ ଗତକାଲି ମୀନାବଜାରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ସନ୍ଧ୍ୟା ୭ ଟାରେ ଯେତେବେଳେ ଲୋକଙ୍କ ପ୍ରବଳ ଗହଳି ହୋଇଥିଲା, ହଠାତ୍ କେଉଁଠୁ ଏକ କଳା ଷଣ୍ଢ ଭିତରକୁ ପଶିଆସିଥିଲା। ଷଣ୍ଢ ଭିତରୁ ବାହାରକୁ ଆସିବା ପାଇଁ ରାସ୍ତା ନ ପାଇ ଏଣେତେଣେ ବୁଲିଲା। ଲୋକମାନେ ମୀନାବଜାର ଦେଖିବେ କ'ଣ, ଜୀବନ ବିକଳରେ ଛୁଆ ପିଲାଙ୍କୁ ଧରି ଦୌଡ଼ିବାକୁ ଲାଗିଲେ।

**● ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ**

ଏତେ କଡ଼ା ସୁରକ୍ଷା ମଧ୍ୟରେ ଷଣ୍ଢ ଭିତରକୁ ପଶିଲା କେମିତି ବୋଲି ସାଧାରଣରେ ଆଲୋଚନା ହେଉଛି । ଆଉ କେହି ଜିଲା ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି । ଗହଳିରେ ଦଳାଚକଟା ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ହେଲେ ଲୋକମାନେ ଅଳ୍ପକେ ବର୍ତ୍ତିଯାଇଥିଲେ । କିଛି ସମୟ ପରେ ପୁଲିସ ପ୍ରଶାସନ ଷଣ୍ଢକୁ ଘଉଡ଼ାଇବାରେ ସକ୍ଷମ ହୋଇଥିଲେ।

## ସଫାହେଲା ମୀନାବଜାର

**'ସକାଳ' ପ୍ରଭାବ**

**ବରଗଡ଼,୭। ୧(ସମିସ):** ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଧନୁଯାତ୍ରା ମହୋତ୍ସବ ଉପଲକ୍ଷେ ମୀନାବଜାର ଅନୁଷ୍ଠିତ ହେଉଛି। ହଜାର ହଜାର ଲୋକଙ୍କ ସମାଗମ ଦ୍ୱାରା ସେ ଭିତରେ ଅଳିଆ ଆବର୍ଜନା ସବୁଆଡ଼େ ଜମା ହୋଇ ପଡ଼ିରହିଥିଲା ।ଆଜି 'ସକାଳ' ଖବରକାଗଜରେ ଫଟୋ ସହ ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ କେଇଘଣ୍ଟା ଭିତରେ ହିଁ ଅଳିଆ ସବୁ ସଫା ହୋଇଯାଇଥିଲା। ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ କିଛି କର୍ମଚାରୀଙ୍କୁ ନେଇ ସଫେଇ ଅଭିଯାନ ଆରମ୍ଭ କରିଥିଲେ। ସକାଳ ୮ ଟା ଭିତରେ ସମଗ୍ର ମୀନାବଜାର ପଡ଼ିଆ ସମ୍ପୂର୍ଣ୍ଣ ଭାବରେ ସଫା ହୋଇଯାଇଥିଲା। କିଛି କର୍ମଚାରୀଙ୍କ ଅବହେଳା ଯୋଗୁ ଏମିତି ପରିସ୍ଥିତି ହୋଇଥିଲା ଓ ଆଗକୁ ଆଉ ଏମିତି ହେବନାହିଁ ବୋଲି ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ କହିଛନ୍ତି।



